ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.137 Bhubaneswar Thursday July 06 2023 | ୨୬ତମ ବର୍ଷ ସଂଖ୍ୟା–୧୩୭ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୦୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ବିଜେଡି ଟିକେଟ୍ ଆଶାୟୀ ଜଗଦୀଶଙ୍କୁ ମିଳିଥିଲା ସରକାରୀ ପୃଷ୍ଠପୋଷକତା, କେଉଁଠୁ ଆସିଲା ନଗଦ ୩୦କୋଟି




ଭୁବନେଶ୍ୱର,୫ ।୭(ପି.ଏନ): ଡିଏନ ଗ୍ରୁପ୍ ମାଲିକ ଜଗଦୀଶ ପ୍ରସାଦ ନାଏକ ଓ ତାଙ୍କ କର୍ମଚାରୀଙ୍କ ଘରେ ଆଜି ଆୟକର ବିଭାଗ ଚ଼ ?ଉ କରି ନଗଦ ୩୦କୋଟି ଟଙ୍କା ଜବତ କରିବା ପରେ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି । ଓଡିଶା ଇତିହାସରେ ପ୍ରଥମଥର ପାଇଁ ଏତେ ପରିମାଣର ନଗଦ ଟଙ୍କା କିଭଳି ଜଣେ ବ୍ୟକ୍ତିଙ୍କ ପାଖକୁ ଆସିଲା ଓ ଏହି ନଗଦ ଟଙ୍କା କାହାର, ତାହା କଳାଟଙ୍କା ନୁହେଁ ତ ଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଥିବାବେଳେ ଜଗଦୀଶଙ୍କ ରାଜନୀତିକ ମହତ୍ୱାକାଂକ୍ଷା ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ତାଙ୍କର ସିଧାସଳଖ ସମ୍ପର୍କକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ୨୦୦୯ ମସିହାରୁ ବିଜେଡି ଟିକେଟ୍ ପାଇଁ ଲବି କରୁଥିବା ଜଗଦୀଶ ତାଙ୍କ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ବାନ୍ଧବୀଙ୍କ ମାଧ୍ୟମରେ ୨୦୨୦ ମସିହାରୁ ତୃତୀୟ ମହଲା ଓ କ୍ଷମତାକେନ୍ଦ୍ରଙ୍କ ସହ ଘନିଷ୍ଠ ହେବାରେ ସକ୍ଷମ ହୋଇଥିଲେ ବୋଲି ଖୋଳତାଡରୁ ଜଣାପଡିଛି । ସୂଚନା ଅନୁସାରେ, ୨୦୦୯ ମସିହାରେ ରାଜନଗର ବିଧାନସଭା ଆସନରୁ ବିଜେଡି ଟିକେଟ୍ ପାଇଁ ଲବି କରି ଶେଷ ମୁହୂର୍ତ୍ତରେ ନିରାଶ ହୋଇଥିବା ଜଗଦୀଶ ନାଏକଙ୍କ ରାଜନୀତିକ ମହତ୍ୱାକାଂକ୍ଷାରେ ତତକାଳୀନ ବିଜେଡି କ୍ଷମତାକେନ୍ଦ୍ର ପ୍ୟାରୀମୋହନ ମହାପାତ୍ରଙ୍କ ରାଜନୀତିକ ପତନ ସହ ପୂର୍ଣ୍ଣଚ୍ଛେଦ ପଡିଥିଲା । ପରବର୍ତ୍ତୀ ସମୟରେ ସେ ପୁଣିଥରେ ୨୦୧୯ ସାଧାରଣ ନିର୍ବାଚ଼ନରେ କେନ୍ଦ୍ରାପଡା ଆସନରୁ ବିଜେଡିର ଲୋକସଭା ଟିକେଟ୍ ପାଇଁ ଲବି କରି ବିଫଳ ହୋଇଥିଲେ । ଆଉ ୨୦୨୦ ମସିହା ପରଠୁ ନିଜର ଜଣେ ବାନ୍ଧବୀଙ୍କ ମାଧ୍ୟମରେ ତୃତୀୟ ମହଲା ସହ ଘନିଷ୍ଠ ସମ୍ପର୍କ ବଢ଼ାଇବାରେ ସକ୍ଷମ ହୋଇଥିଲେ । ଆଉ ତୃତୀୟ ମହଲାର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ନିଜର ବ୍ୟବସାୟିକ ସାମ୍ରାଜ୍ୟକୁ ବୃଦ୍ଧି କରାଇବାରେ ସଫଳ ହୋଇଥିଲେ । ଏପରିକି ୨୦୨୨ ପଂଚାୟତ ଓ ପୌର ନିର୍ବାଚ଼ନରେ ବିଜେଡି ତାଙ୍କୁ ପଟ୍ଟାମୁଣ୍ଡାଇ ପୌରାଂଚ଼ଳ ଓ କେତେକ ପଂଚ଼ାୟତର ଦାୟିତ୍ୱ ମଧ୍ୟ ଦେଇଥିଲା । ସେହିପରି ଶ୍ରୀ ନାଏକଙ୍କ ଦ୍ୱାରା ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିବା ଏକ ସ୍କୁଲର ଉଦଘାଟନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୨୨ ଏପ୍ରିଲ ମାସରେ ନିଜେ ଯାଇଥିଲେ ।ଶ୍ରୀ ନାଏକଙ୍କ ସହ ତୃତୀୟ ମହଲାର ସମ୍ପର୍କ କେତେ ଘନିଷ୍ଠ ଥିଲା ତାହା ଏହି କାର୍ଯ୍ୟକ୍ରମ ସମୟରେ ସମଗ୍ର ରାଜ୍ୟବାସୀ ଜାଣିବାର ସୁଯୋଗ ପାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁବାଇ ଓ ଜାପାନ ଗସ୍ତ ସମୟରେ ବି ଶ୍ରୀ ନାଏକଙ୍କୁ ତାଙ୍କ ସହ ଦେଖିବାକୁ ମିଳିଥିଲା । ତାଙ୍କର ତୃତୀୟ ମହଲା ସହ ଘନିଷ୍ଠ ସମ୍ପର୍କ ଯୋଗୁଁ ୨୦୨୪ ସାଧାରଣ ନିର୍ବାଚ଼ନରେ କେନ୍ଦ୍ରାପଡା ଲୋକସଭା ସିଟରୁ ବିଜେଡି ତାଙ୍କୁ ପ୍ରାର୍ଥୀ କରିବ ବୋଲି ଜିଲ୍ଲାର ଅଧିକାଂଶ ବିଜେଡି ନେତା ଧରିନେଇଛନ୍ତି । ଏପରିକି ଶ୍ରୀ ନାଏକ ମଧ୍ୟ କେନ୍ଦ୍ରାପଡାର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ ପରବର୍ତ୍ତୀ ସାଂସଦ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବାକୁ ପଛାଉ ନାହାନ୍ତି ।

# ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଲାଗୁ ହେଉ ଡ୍ରେସ୍ କୋର୍ଡ



ପୁରୀ,୫ ।୭(ପି.ଏନ): ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଲାଗୁ ହେଉ ଡ୍ରେସ୍ କୋର୍ଡ। ଜିନ୍ସ ପ୍ୟାଣ୍ଟ, ହାପ୍ ପ୍ୟାଣ୍ଟ ଓ ଟି-ସର୍ଟ ପରି ଆଧୁନିକ ପୋଷାକ ପିନ୍ଧିଥିଲେ ଜଗାଦର୍ଶନ ପାଇଁ ଛଡାନଯାଉ। ମହାପ୍ରଭୁ ଜଗନ୍ନାଥଙ୍କ ସେବାପୂଜାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଦଇତାପତି ନିଯୋଗ ଉଠାଇଛନ୍ତି ଏଭଳି ଦାବି ।ନିଯୋଗର ସଂପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଅଧିକାଂଶ ଭକ୍ତ ଶାଳୀନତା ରକ୍ଷା କରୁନଥିବା ଭଳି ପୋଷାକ ପରିଧାନ କରୁଛନ୍ତି। ଯାହାକି ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ଆଘାତ ପହଞ୍ଚାଉଛି। ତେଣୁ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଥିବା ଭକ୍ତଙ୍କୁ ମନ୍ଦିର ପ୍ରବେଶ ପୂର୍ବରୁ ଅଟକାଯାଉ। ଚେଞ୍ଜିଂ ରୁମ୍‌ରେ ପୋଷାକ ବଦଳାଇ ମନ୍ଦିରକୁ ଯିବାର ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି।

# ଚ଼ନ୍ଦକା ଅଞ୍ଚଳରୁ ଦୁଇ ସ୍କୁଲ ଛାତ୍ର ନିଖୋଜ ଘଟଣା, ଟିଟିଲାଗଡ଼ ସଇଁତଳା ଅଞ୍ଚଳରୁ ଉଭୟ ଉଦ୍ଧାର

ଭୁବନେଶ୍ୱର,୫ ।୭(ପି.ଏନ): ଚ଼ନ୍ଦକା ଅଞ୍ଚଳରେ ସ୍କୁଲ ଯାଇ ଦୁଇ ଛାତ୍ର ନିଖୋଜ ଘଟଣା । ଟିଟିଲାଗଡ଼ରୁ ଉଭୟଙ୍କୁ ଉଦ୍ଧାର କରାଯାଇଛି । ଏହି ଦୁଇ ଛାତ୍ର ହେଲେ ଚ଼ନ୍ଦକାର ପୃଥ୍ୱୀରାଜ ପ୍ରଧାନ ଓ ଭରତପୁର ଅଞ୍ଚଳର ସୋନୁ କୁମାର ଉଦ୍ଧାର ହୋଇଛନ୍ତି । ଉଦ୍ଧାର ଛାତ୍ରଙ୍କ କହିବା ଅନୁସାରେ ଗତ କାଲି ସ୍କୁଲ ଯାଇଥିବା ବେଳେ ସ୍କୁଲ ପରିସର ବାହାରକୁ ବିସ୍କୁଟ ଖାଇବାକୁ ଆସିଥିଲେ । ସେହି ସମୟରେ କେହିଜଣେ ତାଙ୍କ ମୁହଁରେ କପଡା ଘୋଡାଇ ବେହୋସ କରି ଏକ ଟ୍ରକ ଯୋଗେ ନେଇଯାଇଥିଲେ ।ଆଜି ସେମାନେ କୌଶଳ କ୍ରମେ ଅପହରଣକାରୀଙ୍କ ନିକଟରୁ ଖସି ନିଜ ଘର ଲୋକଙ୍କୁ ଫୋନରେ ସବୁ ଜଣାଇଥିଲେ ପରେ ଟିଟିଲାଗଡ ରେଳଷ୍ଟେସନରେ ପହଞ୍ଚିବା ପରେ ଉଦ୍ଧାର କରିଥିଲା ପୋଲିସ । ପୃଥ୍ୱୀରାଜଙ୍କ ବାପା ଜଣେ ମାର୍ବଲ ପଥର ଓ ଟ୍ରାନ୍ସପୋର୍ଟ ବ୍ୟବସାୟୀ ବୋଲି ତାଙ୍କ ପୁଅ କହୁଥିବା ବେଳେ ସୋନୁ କୁମାରଙ୍କ ବାପା ଟ୍ରାଭେଲ ଏଜେଣ୍ଟ ଭାବେ କାମ କରନ୍ତି ବୋଲି ସୋନୁ କହିଛନ୍ତି । ଦୁଇ ଛାତ୍ର ଏକ ସାଂଘାତିକ ତଥ୍ୟ ଦେଇଛନ୍ତି ଯେ, ତାଙ୍କ ସହିତ ଆହୁରି ୬ ଜଣଙ୍କୁ ଟ୍ରକରେ କିଡନ୍ୟାପ କରି ନିଆଯାଇଥିଲା । ସେମାନଙ୍କ ଭିତରେ ୪ ଜଣ ଝିଅ ଅଚେତ ଅବସ୍ଥାରେ ଟ୍ରକ ଭିତରେ ଥିଲେ ଓ ୨ ଜଣ କାନ୍ଦୁଥିଲେ ।

## ୨୫ ହଜାର ଟଙ୍କା ଲାଂଚ ନେଇଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ରାଜସ୍ୱ ନିରୀକ୍ଷକ

ମାଲକାନଗିରି,୫ ।୭(ପି.ଏନ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡ଼ିଛନ୍ତି ରାଜସ୍ୱ ନିରୀକ୍ଷକ। ୨୫ ହଜାର ଟଙ୍କା ଲାଂଚ ନେଇଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କୁ ମାଡି ବସିଲା ଭିଜିଲାନ୍ସ । ଆଜି ମାଲକାନଗିରି ତହସିଲର ସିନ୍ଧ୍ରିମାଳ ଆରଆଇ ସୀମାଚଂଳ ସାହୁଙ୍କୁ ଟଙ୍କା ସହ ଧରିଛି ଭିଜିଲାନ୍ସ। ମାଲକାନଗିରି ଏୟାରଷ୍ଟ୍ରିପ୍ ଲାଗି ଜମି ହରାଇଥିବା ଲୋକଙ୍କ ଠାରୁ ସୀମାଚଂଳ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ସେ ୭ ଲକ୍ଷ ୪୪ ହଜାର ଟଙ୍କାର କ୍ଷତିପୂରଣ ମଞ୍ଜୁର ପାଇଁ ୨୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଖବର ପାଇ ମାଡ଼ି ବସିଥିଲା ଭିଜିଲାନ୍ସ। ଗୌଡ଼ଗୁଡ଼ା ପଂଚାୟତରେ ଏହି ଲାଂଚ କାରବାର ଚାଲିଥିବା ବେଳେ ଠିକ୍ ସମୟରେ ଭିଜିଲାନ୍ସ ଟିମ୍ ଘଟଣାସ୍ଥଳରେ ପହଂଚି ରାଜସ୍ୱ ନିରୀକ୍ଷକଙ୍କୁ ଧରିଥିଲା ।ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ନେଇ ଅଧିକ ତଦନ୍ତ ଚାଲିଛି।

## ସ୍ୱାଭାବିକ ହେବ ମୌସୁମୀ : ଆଜିଠୁ ରାଜ୍ୟରେ ବଢିବ ବର୍ଷାର ବିସ୍ତୃତି ଘୂର୍ଣ୍ଣବଳୟ ସକ୍ରିୟ

ଭୁବନେଶ୍ୱର, ୫ ।୭(ପି.ଏନ): ସ୍ୱାଭାବିକ ହେବ ମୌସୁମୀ । ଆଜିଠୁ ରାଜ୍ୟରେ ବଢିବ ବର୍ଷାର ବିସ୍ତୃତି । ଉପକୂଳ ଓଡ଼ିଶାର କିଛି ଅଂଚଳରେ ବିଜୁଳି ଘଡଘଡ଼ି ସହ ବର୍ଷା ଲାଗିରହିଛି । ଆଜି ବି ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଉତର ଆନ୍ଧ୍ର ଉପକୂଳରେ ବାୟୁମଣ୍ଡଳର ୧.୫ କି.ମି.ରୁ ୭.୬ କି.ମି. ମଧ୍ୟରେ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି ।

# ଆଜିଠୁ ଆସାମ ଗୌହାଟିଠାରେ ରାଷ୍ଟ୍ରୀୟ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୫ ।୭(ପି.ଏନ): ଆସନ୍ତାକାଲି (ଗୁରୁବାର) ଠାରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଆସାମର ଗୌହାଟୀଠାରେ ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ ମାନସ କୁମାର ମହାନ୍ତି, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଏବଂ ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ପ୍ରମୁଖ ଯୋଗ ଦେବେ ।ଅଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପାର୍ଟୀର ସାଂଗଠନିକ କାର୍ଯ୍ୟ ଏବଂ ନିର୍ବାଚନ ରଣନୀତି ସଂପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବ । ଏଥି ସହ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି, ଶାସକ ବିଜୁ ଜନତା ଦଳ ଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯିବାର ପ୍ରଚେଷ୍ଟା, ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ଚଂଚକତା କରାଯାଇ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ରୁପାନ୍ତରିତ କରିବାର ହୀନ ପ୍ରୟାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି, କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ହଡପ୍ କରିବା ଆଦି ପ୍ରସଙ୍ଗକୁ ମଧ୍ୟ ବିସ୍ତୃତ ଭାବେ କେନ୍ଦ୍ରୀୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରାଯିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

## ପ୍ରଭାସ ଆଚାର୍ଯ୍ୟ ଲୋକସେବକ ମଣ୍ଡଳର ନୂତନ ସମ୍ପାଦକ



ଭୁବନେଶ୍ୱର,୫ ।୭(ପି.ଏନ): ଲୋକସେବକ ମଣ୍ଡଳର ନୂତନ ସମ୍ପାଦକ ଭାବେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି। ସଭାପତି ରାଜକୁମାର ମଣ୍ଡଳ ସମ୍ବିଧାନ ଧାରା-୬ ଅନୁଯାୟୀ ଡକ୍ଟର ଆଚାର୍ଯ୍ୟଙ୍କୁ ଏହି ପଦ ପାଇଁ ମନୋନୀତ କରିଛନ୍ତି। ଏହା ପୂର୍ବରୁ ଡକ୍ଟର ଆଚାର୍ଯ୍ୟ କାର୍ଯ୍ୟନିର୍ବାହୀ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ଓ ସମାଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହି ନୂତନ ନିଯୁକ୍ତି ପୂର୍ବରୁ ସେ ବର୍ତ୍ତମାନ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ।

# ଅଜିତ ପାୱାର ଏନସିପିର ସଭାପତି ! : ଜାତୀୟ କାର୍ଯ୍ୟକାରିଣୀ ଡାକିଲେ ଶରଦ ପାୱାର



ନୂଆଦିଲ୍ଲୀ,୫ ।୭(ପି.ଏନ): ଏନସିପିରେ ସୃଷ୍ଟି ହୋଇଥିବା ଦଳୀୟ କନ୍ଦଳ ଏବେ ବିସ୍ଫୋରକ ରୂପ ନେଇଛି। ବିଦ୍ରୋହ ଘୋଷଣା କରି ବିଜେପି ସହ ହାତ ମିଳାଇଥିବା ଅଜିତ ପାୱାର ଏବେ ସିଧାସଳଖ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ବିରୋଧରେ ଯୁଦ୍ଧ ଡାକରା ଦେଇଛନ୍ତି। ଏଥିସହ ସେ ନିଜକୁ ଏନସିପିର ସଭାପତି ବୋଲି ପରିଚ଼ୟ ଦେଇ ଦଳୀୟ ଚ଼ିହ୍ନ ଓ ନାଁ ଉପରେ ହକ୍ ? ଜାହିର କରିଛନ୍ତି ।ବାନ୍ଦ୍ରାରେ ନିଜ ସମର୍ଥିତ ବିଧାୟକ ଓ ନେତାମାନଙ୍କ ସହ ବୈଠକ କରିବା ପରେ ଅଜିତ ପାୱାର ଦାଦା ଶରଦ ପାୱାରଙ୍କୁ ରାଜନୀତିରୁ ଅବସର ନେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସେ ନିଜକୁ ପ୍ରକୃତ ଏନସିପି କ୍ୟାଡର ବୋଲି କହିଛନ୍ତି ।ଅଜିତ ପାୱାର ଡାକିଥିବା ବୈଠକରେ ୩୧ ଜଣ ଏନସିପି ବିଧାୟକ, କିଛି ସାଂସଦ, ୫ ଜଣ ଏମଏଲସି ଓ ଅନେକ ବରିଷ୍ଠ ନେତା ଯୋଗ ଦେଇଥିଲେ। ଏଠାରେ ଶକ୍ତି ପ୍ରଦର୍ଶନ କରିବା ପରେ ଅଜିତ ପାୱାରଙ୍କ ଗୋଷ୍ଠୀ ନିର୍ବାଚ଼ନ କମିଶନ ଭେଟି ଏନସିପିର ଚ଼ିହ୍ନ ଓ ନାଁ ପାଇଁ ଦାବି କରିଛି। ଏଥିସହ ଅଜିତ ପାୱାର ହିଁ ଏନସିପିର ସଭାପତି ଓ ଜୁନ ୩୦ରେ ଏନେଇ ସଂକଳ୍ପ ପାରିତ ହୋଇଥିବା ମଧ୍ୟ ତାଙ୍କ ଗୋଷ୍ଠୀର ନେତାମାନେ ନିର୍ବାଚ଼ନ କମିଶନଙ୍କୁ ଜଣାଇଛନ୍ତି।

## ଡିଏନ୍ ଗ୍ରୁପ୍ ରେ ଆଇଟି ରେଡ୍

ଭୁବନେଶ୍ୱର, ୫ ।୭(ପି.ଏନ): ଭୁବନେଶ୍ୱରରେ ବୁଧବାର ଏକ ବଡ଼ଧରଣର ଆୟକର ଚଢ଼ାଉ ହୋଇଛି । ଟିକସ ଫାଙ୍କିବା ଅଭିଯୋଗରେ ଡିଏନ୍ ଗ୍ରୁପ ମୁଖ୍ୟ ଜଗଦୀଶ ନାୟକଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ରେଡ୍ ହୋଇଛି ।୨୦ରୁ ଅଧିକ ସ୍ଥାନରେ ଚଢ଼ାଉ ଚାଲିଛି। ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସ୍ଥିତ କାର୍ଯ୍ୟାଳୟରେ ବି ଚଢ଼ାଉ ଜାରି ରହିଛି । ନିର୍ଦ୍ଦେଶକଙ୍କ ସମେତ କଂପାନୀର ବରିଷ୍ଠ ଅଧିକାରୀଙ୍କ ଘରେ ବି ରେଡ୍ ଚାଲିଛି । ସେହିପରି ଡିଏନ୍ ରିୟଲ ଇଷ୍ଟେଟ୍ କମ୍ପାନୀର କର୍ମଚାରୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଘରୁ ୩୦ କୋଟି ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି ।

# 5T ସଚ଼ିବଙ୍କ ପାଇଁ ବୌଦ୍ଧରେ ଅଣ୍ଡା ବିକ୍ରି ବନ୍ଦ, ତଥାପି ହେଲା ଅଣ୍ଡାମାଡ




ଭୁବନେଶ୍ୱର,୫ ।୭(ପି.ଏନ): ମଙ୍ଗଳବାରଠାରୁ ବୌଦ୍ଧ ଟାଉନ୍‌ରେ ଅଣ୍ଡା ବିକ୍ରି ବନ୍ଦ ରହିଛି। ପ୍ରଶାସନ ଅଣ୍ଡା ବିକ୍ରି ଉପରେ କଟକଣା ଜାରି କରିଛି। 5T ସଚ଼ିବ ଭି.କେ ପାଣ୍ଡିଆନ୍‌ଙ୍କ ଗସ୍ତ ପାଇଁ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା ଆଲୋଚ଼ନା ହେଉଛି। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି। ଏହାସତ୍ତ୍ୱେ ଆଜି 5T ସଚ଼ିବ ଭି.କେ ପାଣ୍ଡିଆନ୍‌ଙ୍କ ଗାଡି ଉପରକୁ ଅଣ୍ଡା ମାଡ ହୋଇଛି। 5T ସଚ଼ିବ ମ୍ୟୁଜିୟମ୍‌ରୁ ବାହାରି ହରଭଙ୍ଗା ବ୍ଲକ ଅଭିମୁଖେ ଯାଉଥିବା ବେଳେ ଏହି ଅଣ୍ଡା ମାଡ ହୋଇଛି ।ମଙ୍ଗଳବାର 5T ସଚ଼ିବ ଭି.କେ ପାଣ୍ଡିଆନ୍ ସୁବର୍ଣ୍ଣପୁର ଗସ୍ତରେ ଯାଇଥିଲେ। ସେହି ସମୟରେ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ପ୍ରଶାସନ ତତ୍ପର ହୋଇଥିଲା। ସୁବର୍ଣ୍ଣପୁର ପରି ସ୍ଥିତି ଯେପରି ବୌଦ୍ଧରେ ନହେବ, ସେଥିପ୍ରତି ବିଶେଷ ଧ୍ୟାନ ଦେଇଥିଲା। 5T ସଚ଼ିବ ଭି.କେ ପାଣ୍ଡିଆନ୍‌ଙ୍କ ଗସ୍ତର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ ମଙ୍ଗଳବାର ସନ୍ଧ୍ୟାରୁ ଅଣ୍ଡା ବିକ୍ରି ଉପରେ କଟକଣା ଲଗାଯାଇଥିଲା।

# ଆପୋଷ ବୁଝାମଣାରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ : ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ

ରାୟପୁର/ଭୁବନେଶ୍ୱର, ୫ ।୭(ପି.ଏନ): ଉଭୟ ରାଜ୍ୟ ଚାହିଁଲେ ଆପୋଷ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ। ମହାନଦୀକୁ ନେଇ ଓଡିଶା ଓ ଛତିଶଗଡ ମଧ୍ୟରେ ଲାଗି ରହିଥିବା ବିବାଦ ପ୍ରସଙ୍ଗରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଟି.ଏସ ସିଂଦେଓ ଏହି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ପରିସ୍ଥିତି ଦେଖାଯାଇଛି। ଯେଉଁଥିପାଇଁ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ଶ୍ରୀ ସିଂହଦେଓ କହିଛନ୍ତି ଯେ, କାବେରୀ ନଦୀକୁ ନେଇ କର୍ଣ୍ଣାଟକ ଓ ତାମିଲନାଡୁର ବି ସମାନ ସ୍ଥିତି ରହିଛି। କୌଣସି ରାଜ୍ୟ ନିଜ ହିତରୁ ବାହାରେ କାର୍ଯ୍ୟ କରିପାରିବେ ନାହିଁ। ଉଭୟ ବସି ରାଜ୍ୟର ସ୍ୱାର୍ଥ କଥା ଆଲୋଚନା କରି ସମାଧାନ କରିବାର ଆବଶ୍ୟକତା ଅଛି। ଛତିଶଗଡ଼ରୁ ପାଣି ଆସୁଛି ଓ ଓଡିଶା ମଧ୍ୟରେ ପ୍ରବାହିତ ହେଉଛି। ଉଭୟଙ୍କର ପାଣି ଉପରେ ଅଧିକାର ଅଛି। ଆପୋଷ ଆଲୋଚନା ମାଧ୍ୟମରେ ସବୁକିଛି ସମ୍ଭବ। ଉଭୟଙ୍କୁ ବେଳେବେଳେ ଏକାଠି ହେବାରେ ଏକ ଅସୁବିଧା ହେଉଛି, ଯେଉଁଥିପାଇଁ ଟ୍ରିବ୍ୟୁନାଲରେ ମାମଲା ରହିଛି। ବିଭିନ୍ନ ରାଜନୈତିକ ଦଳ ରହିଛନ୍ତି। ଖୋଲା ମନରେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଉଭୟ ରାଜ୍ୟର ଅଧିକାରୀମାନେ ଆଲୋଚନା କଲେ ସମାଧାନର ସୂତ୍ର ବାହାରି ପାରିବ।

# ଖୁଟଗାଁ ଫାଇଭ-ଟି ରୂପାନ୍ତରଣ ହାଇସ୍କୁଲ ଛାତରୁ ଖସୁଛି କଂକ୍ରିଟ ଖଣ୍ଡ

ରାଉରକେଲା, ୫ ।୭(ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ ଖୁଟଗାଁ ଫାଇଭ-ଟି ରୂପାନ୍ତରଣ ହାଇସ୍କୁଲର ବିଭିନ୍ନ କୋଠରୀରର ଛାତରୁ କଂକ୍ରିଟ ଖଣ୍ଡ ଖସିବା ଏବେ ନିତିଦିନିଆ କଥା ହୋଇଛି । ଆଜି ପୂର୍ବାହ୍ନରେ ସ୍କୁଲ ଚାଲିଥିବା ବେଳେ ଛାତରୁ କଂକ୍ରିଟ ଖଣ୍ଡ ଖସିଛି । ତେବେ ଏଥିରେ କେହି ଆହତ ହୋଇନାହାଁନ୍ତି । ହାଇସ୍କୁଲର ବିଭିନ୍ନ କୋଠରୀ ଛାତରୁ ସିମେଂଟ ଖଣ୍ଡ ଖସୁଥିବା ନେଇ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ମହଲରେ ଆତଙ୍କ ସୃଷ୍ଟି ହୋଇଛି । କେତେବେଳେ କାହା ମୁଣ୍ଡରେ ସିମେଂଟ କଂକ୍ରିଟ ଖଣ୍ଡ ପଡି ଆଘାତ ଲାଗିବ ସେହି ଚିନ୍ତାରେ ଏବେ ବିଦ୍ୟାଳୟ କର୍ତୃପକ୍ଷ । ଦୀର୍ଘ ବର୍ଷେ ତଳେ ଏହି ବିଦ୍ୟାଳୟକୁ ଫାଇଭ-ଟି ଯୋଜନାରେ ରୂପାନ୍ତରଣ କରାଯାଇଥିଲା । ସ୍ଥାନୀୟ ଠିକାଦାର ମାନଙ୍କୁ ଏହାର ନବିକରଣ ଦାୟିତ୍ୱ ନେଇ ଠିକା ଦିଆଯାଇଥିଲା । ତେବେ କାମ ଚାଲିଥିଲା ବେଳେ ଠିକାଦାର ମାନେ ମନମାନି କରି ନିମ୍ନମାନର କାର୍ଯ୍ୟ କରିଥିଲେ ସୁଦ୍ଧା ଏନେଇ କେହି ମୁହଁ ଖୋଲି ନଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏସବୁ ଦେଖି ନିରବ ରହୁଥିଲେ । ସମସ୍ତଙ୍କ ମନରେ ଭୟ ଫାଇଭ-ଟି କଥା, ମୁହଁ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଠିକାଦାର ଅସନ୍ତୁଷ୍ଟ ହେଲେ ରାସ୍ତାରେ ଗୁଣ୍ଡାଙ୍କ ଆକ୍ରମଣ, ସେପଟେ ଏହା ପଛରେ ରହିଥିବା ରାଜନୈତିକ ଶକ୍ତି ମଧ୍ୟ ଅସନ୍ତୁଷ୍ଟ ହୋଇ କ୍ଷତି କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶିକ୍ଷକ ମାନେ ନିରବ ରହିଥିଲେ । ତେବେ ଏହି ଉପଖଣ୍ଡରେ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ତହସିଲଦାରଙ୍କ ସମେତ ଜିଲ୍ଲାରେ ଜଣେ ଟାଣୁଆ ଶିକ୍ଷା ଅଧିକାରୀ ମଧ୍ୟ ରହିଛନ୍ତି । ଜିଲ୍ଲାପାଳ ମଧ୍ୟ ବିଭିନ୍ନ ସମୟରେ ଉପଖଣ୍ଡ ଗସ୍ତରେ ଆସୁଛନ୍ତି । ନିମ୍ନ ମାନର କାର୍ଯ୍ୟକୁ ନେଇ କେହି ତଦାରଖ କଲେ ନାହିଁ କିମ୍ବା ପଦେ କହିଲେ ନାହିଁ, ଏବେ ଫଳ ଭୋଗୁଛନ୍ତି ଛାତ୍ରଛାତ୍ରୀ ଓ ବିଦ୍ୟାଳୟର କର୍ମଚାରୀ । ଏହା କେବଳ ବଣେଇ ଉପଖଣ୍ଡ ଖୁଟଗାଁ ହାଇସ୍କୁଲର ଚିତ୍ର ନୁହେଁ ସମଗ୍ର ଜିଲ୍ଲାରେ ଫାଇଭ୍ -ଟି ଅଧିନରେ ରୂପାନ୍ତରଣ ହୋଇଥିବା ବିଦ୍ୟାଳୟ ଗୁଡିକର ରୂପାନ୍ତରଣ କାର୍ଯ୍ୟକୁ ନେଇ ପୂର୍ବରୁ ଯେଉଁ ସନ୍ଦେହ ରହିଥିଲା, ସେସବୁ ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି । ରାଉରକେଲାର ପ୍ରବେଶ ପଥରେ ରହିଥିବା ପାନପୋଷ ହାଇସ୍କୁଲରେ ମଧ୍ୟ ଦଳୀୟ ଛାତ୍ର ସଂଗଠନର ଠିକାଦାର ବାବୁ ଠିକା କାମ କଲେ, ହେଲେ କେତେବେଳେ ପାଣି ଆସୁନି ତ ଆଉ କେତେବେଳେ ବିଜୁଳି ସମସ୍ୟା, ପାଇଖାନା ସଫା ହୋଇପାରୁନାହିଁ, ଦୁର୍ଗନ୍ଧମୟ ପରିବେଶ ସାଙ୍ଗକୁ ପଙ୍ଖା ଚାଲୁନାହିଁ । ପ୍ରବଳ ଗରମ ଓ ଗୁଳୁଗୁଳିରେ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଛଟପଟ ହେଉଛନ୍ତି । କାନ୍ଥ ଗୁଡିକରୁ ରଙ୍ଗ ମଧ୍ୟ ଛାଡିଲାଣି । ମାତ୍ର କେଇ ମାସ ପୂର୍ବେ ରୂପାନ୍ତରଣ କାର୍ଯ୍ୟ ହୋଇଥିବା ଏହିସବୁ ବିଦ୍ୟାଳୟର ଅବସ୍ଥା ଯଦି ଏମିତି, ତେବେ ରୂପାନ୍ତରିତ ହୋଇଥିବା ଅନ୍ୟସବୁ ବିଦ୍ୟାଳୟ ଗୁଡିକରେ ହୋଇଥିବା କାର୍ଯ୍ୟର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରେ । ମୁହଁ ଖୋଲିବାକୁ ସମସ୍ତଙ୍କର ଇଚ୍ଛା, ହେଲେ ଭୟ ଫାଇଭ-ଟି କୁ ।

# ନବୀନ ସରକାର ମୁହଁକୁ ଲାଜ ନାହିଁ; କହୁଛି ଆପଣମାନେ ଖୁସି ତ...



ଭୁବନେଶ୍ୱର,୫ ।୭(ପି.ଏନ): ନବୀନ ସରକାର ମୁହଁକୁ ଲାଜ ନାହିଁ। ଆଉ କହୁଛି ଆପଣମାନେ ଖୁସି ତ...। ରାଜରାସ୍ତାରେ ଆନ୍ଦୋଳନ ବେଳେ ଆଜି ଏପରି ନାରା ଦେଇ ନିଜର ଅସନ୍ତୋଷ ଝାଡିଛନ୍ତି ଚ଼ିଟ୍‌ଫଣ୍ଡ କ୍ଷତିଗ୍ରସ୍ତ। ଏହି ଅବସରରେ ଜମାକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚ଼ିଟ୍‌ଫଣ୍ଡ ଟଙ୍କା ନଫେରାଇଲେ ୨୦୨୪ ନିର୍ବାଚ଼ନରେ ଉଚ଼ିତ ଜବାବ ଦେବୁ ବୋଲି ଚେତାବନୀ ଦେଇଛନ୍ତି ।ଆଜି ୬୦୦ରୁ ୭୦୦ ଚ଼ିଟ୍‌ଫଣ୍ଡ ଜମାକାରୀ ସୁନ୍ଦରଗଡ ନାରୀ କଲ୍ୟାଣ କେନ୍ଦ୍ର ନିକଟରେ ଏକତ୍ର ହୋଇଥିଲେ। ପରେ ବିରାଟ ଶୋଭାଯାତ୍ରାରେ ଜେଲ୍ ଛକ, ପୋଷ୍ଟ ଅଫିସ୍ ଛକ ଓ ଡିଆରଡିଏ ଛକ ଦେଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ପରେ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଥିଲେ। ରାଜ୍ୟ ସରକାରଙ୍କ ଉପରେ ମନଇଚ୍ଛା ବର୍ଷିଥିଲେ। ତା'ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚ଼ିଟ୍‌ଫଣ୍ଡ ଟଙ୍କା ଶୀଘ୍ର ଫେରାଅ, ନହେଲେ ୨୦୨୪ ନିର୍ବାଚ଼ନରେ ଉଚ଼ିତ ଜବାବ ଦେବୁ ବୋଲି ଚେତାବନୀ ଦେଇଥିଲେ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

---

ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।




## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ


ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ






ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୬

# ରାଜ୍ୟପାଳଙ୍କୁ ନେଇ ବିବାଦ

ଆମ ଦେଶରେ ରାଜ୍ୟପାଳ ଏବଂ ବିରୋଧି ଦଳ ଶାସିତ ରାଜ୍ୟଗୁଡିକ ମଧ୍ୟରେ ବିବାଦ ନୂଆ ନୁହେଁ । ରାଜ୍ୟପାଳଙ୍କ ଭୂମିକା ନେଇ ସମ୍ବିଧାନର ସ୍ପଷ୍ଟ ନିର୍ଦ୍ଦେଶ ଥିବା ଏବଂ ସୁପ୍ରିମକୋର୍ଟ ସ୍ପଷ୍ଟ ମତ ଦେଇଥିବା ସତ୍ତ୍ୱେ ସମୟେ ସମୟେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ନିଜ ଆଚରଣ ଓ ଉଚ୍ଚାରଣରେ ବିରୋଧିଦଳ ଶାସିତ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିବା ବହୁ ନଜୀର ରହିଛି । ନିକଟରେ ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବିଙ୍କ ଏକ ପଦକ୍ଷେପ ବିବାଦ ସୃଷ୍ଟି କରିଛି । ଯାହାକୁ ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା । ରାଜ୍ୟପାଳ ରବି ନିଜ ଆଡୁ ଏକତରଫା ଭାବେ ନିଜ ଆଡୁ ପଦକ୍ଷେପ ନେଇ ରାଜ୍ୟର ଜଣେ ମନ୍ତ୍ରୀ ଭି.ସେନ୍ଥିବାଲାଜୀଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିଥିଲେ, ଯେ କି ଏବେ ଦୁର୍ନୀତି ଅଭିଯୋଗରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)ଙ୍କ ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ତେବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ହସ୍ତକ୍ଷେପ ପରେ ସେହିଦିନ ରାତିରେ ରାଜ୍ୟପାଳ ନିଜ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବା ସହ ଭାରତର ଆଟର୍ଣ୍ଣିଂ ଜେନେରୋଲଙ୍କ ପରାମର୍ଶ ଲୋଡିଛନ୍ତି । ତେବେ ରାଜ୍ୟପାଳଙ୍କ ନିର୍ଦ୍ଦେଶାନାମା ଜାରି କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ବହିଷ୍କାର ନିର୍ଦ୍ଦେଶନାମାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ତେବେ ସାମ୍ବିଧାନିକ ସ୍ପଷ୍ଟ ନିର୍ଦ୍ଦେଶନାମା ଅନୁଯାୟୀ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ରାଜ୍ୟପାଳ ମନ୍ତ୍ରୀମଣ୍ଡଳ ଗଠନ କିମ୍ବା କୌଣସି ମନ୍ତ୍ରୀଙ୍କୁ ବରଖାସ୍ତ କରିବା ନିଷ୍ପତି କେବଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ କରିପାରିବେ । ଏହା ନିଶ୍ଚିତ ଯେ, ରାଜ୍ୟପାଳଙ୍କୁ ସମ୍ବିଧାନ କୌଣସି ଇଚ୍ଛାଧୀନ କ୍ଷମତା ପ୍ରଦାନ କରିନାହିଁ । ଉଲ୍ଲେଖଯୋଗ୍ୟ ଯେ, ବରିଷ୍ଠ ମନ୍ତ୍ରୀ ସେନ୍ଥିବାଲାଜୀଙ୍କ ଇଡି ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇବା ପରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ତାଙ୍କ ବିଭାଗର ଦାୟିତ୍ୱ ଅନ୍ୟ ଜଣେ ମନ୍ତ୍ରୀଙ୍କ ହାତରେ ଅର୍ପଣ କରିବାକୁ ରାଜ୍ୟପାଳଙ୍କୁ ସୁପାରିଶ କରିଥିଲେ । କିନ୍ତୁ ବାଲାଜୀଙ୍କ କ୍ୟାବିନେଟ ପହ୍ୟା ଅପରିବର୍ତିତ ରହିଛି । ଅର୍ଥାତ ବାଲାଜୀ ଜଣେ ବିଭାଗ ବିହୀନ ମନ୍ତ୍ରୀ ଭାବେ ସମସ୍ତ ସୁବିଧା ସୁଯୋଗ ପାଇଥିଲେ । ଏଥିରେ ରାଜ୍ୟପାଳ କ୍ଷୁବ୍ଧ ହୋଇ ନିଜ ଆଡୁ ବାଲାଜୀଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିଥିଲେ । ରାଜ୍ୟପାଳ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ସମ୍ବିଧାନର ୧୬୩ ଏବଂ ୧୬୪ ଧାରା ଅନୁଯାୟୀ ସମ୍ବିଧାନ ରାଜ୍ୟପାଳଙ୍କୁ ପ୍ରଦାନ କରିଥିବା କାର୍ଯ୍ୟନିର୍ବାହୀ କ୍ଷମତା ଅନୁଯାୟୀଏହି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛନ୍ତି । ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀପରିଷଦ ସଦସ୍ୟଙ୍କୁ ଏହି କ୍ଷମତାବଳରେ ନିଯୁକ୍ତି କରିଥାନ୍ତି । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ରାଜ୍ୟପାଳ ମନ୍ତ୍ରୀଙ୍କୁ ନିଯୁକ୍ତି ଓ ବରଖାସ୍ତ କରିବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶକୁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗ୍ରହଣ କରିବାକୁ ବାଧ । ଏ କ୍ଷେତ୍ରରେ ରାଜ୍ୟପାଳଙ୍କର କୌଣସି ଇଚ୍ଛାଧୀନ କ୍ଷମତା ନାହିଁ । ରାଜ୍ୟପାଳଙ୍କ ନିଷ୍ପତି ଖୋଲାଖୋଲି ଭାବେ ସମ୍ବିଧାନର ଉଲଂଘନ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ସାମ୍ବିଧାନିକ ଶାସନ ଚାଲିବା ପରେ ୧୯୬୭ ମସିହା ପର୍ଯ୍ୟନ୍ତ ରାଜ୍ୟପାଳ ପଦବୀ ଏକ ନିର୍ବିବାଦୀୟ ପଦବୀ ହୋଇ ରହିଥିଲା । ରାଜ୍ୟପାଳ ପଦବୀକୁ ନେଇ କୌଣସି ଅପ୍ରିତିକର ଘଟଣା ଘଟିନଥିଲା । ୧୯୬୭ ମସିହାରେ କେତେକ ରାଜ୍ୟରେ ବିରୋଧ ଦଳ ସରକାର କ୍ଷମତାସୀନ ହୋଇଥିଲା ହେବା ପରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲାଗି ରହିଥିଲା । ଭାରତୀୟ ଗଣତାନ୍ତ୍ରୀକ ଇତିହାସରେ ଦୀର୍ଘ ପାଂଚ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟପାଳଙ୍କ ଭୂମିକାକୁ ବିବାଦ ଲାଗି ରହିଛି । ଅତୀତରେ କଂଗ୍ରେସ ସରକାର କେନ୍ଦ୍ରରେ ଥିବାବେଳେ ରାଜ୍ୟପାଳମାନଙ୍କ ଭୂମିକାକୁ ନେଇ ଯେପରି ବିବାଦ ଲାଗି ରହିଥିଲା, ଏବେ ବିଜେପି ଶାସନ ଅମଳରେ ବି ଅନୁରୂପ ବିବାଦ ଲାଗି ରହିଛି । ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର-ରାଜ୍ୟ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବା ପରିବର୍ତେ ଏଜେଂଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୁଏ । ରାଜ୍ୟପାଳ-ରାଜ୍ୟସରକାର ବିବାଦ ନେଇ ସୁପ୍ରିମକୋର୍ଟ ବହୁ ମାମଲାରେ ସ୍ପଷ୍ଟ ରାୟ ପ୍ରଦାନ କରିଛନ୍ତି । ସର୍ବୋଚ୍ଚ ଅଦାଲତ ରାଜ୍ୟପାଳମାନଙ୍କ ସୀମିତ କ୍ଷମତା ନେଇ ସ୍ପଷ୍ଟ ରାୟ ଦେଇଛନ୍ତି । ୫୦ବର୍ଷ ତଳେ ସମାସେର ସିଂହ ବନାମ ପଂଜାମ ସରକାର ମାମଲାରେ ରାଜ୍ୟପାଳଙ୍କ ସମାନ୍ତରାଳ ପ୍ରଶାସନ ଚଳାଇବା କ୍ଷମତା ନାହିଁ ବୋଲି ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ରାୟ ଦେଇଥିଲେ । ରାଜ୍ୟପାଳଙ୍କର ଇଚ୍ଛାଧୀନ କ୍ଷମତା ଅତି ସୀମିତ । କହିବା ବାହୁଲ୍ୟ ଯେ, ରାଜ୍ୟପାଳ ପଦବୀ ବ୍ରିଟିଶ ଶାସନରୁ ଜନ୍ମ ନେଇଛି । ୧୯୩୫ ମସିହାରେ ବ୍ରିଟିଶ ଶାସନ ଅମଳରେ ବ୍ରିଟେନ ପାର୍ଲିଆମେଂଟରେ ଗୃହୀତ ଆଇନରେ ରାଜ୍ୟପାଳମାନଙ୍କୁ ଇଚ୍ଛାଧୀନ କ୍ଷମତା ପ୍ରଦାନ କରାଯାଇଥିଲା । ଏପରିକି ସେମାନଙ୍କୁ ରାଜ୍ୟପାଳଙ୍କୁ ମନ୍ତ୍ରୀପରିଷଦ ବୈଠକରେ ଅଧକ୍ଷତା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଥିଲା । ମାତ୍ର ମନେ ରଖିବାକୁ ହେବ ଯେ, ସେ ଯୁଗ ଆଉ ନାହିଁ । ମାତ୍ର ଆମ ଦେଶରେ ରାଜ୍ୟପାଳ ଏବଂ ବିରୋଧ ଦଳ ସରକାର ଏବେ ମୁହାଁମୁହିଁ ଅବସ୍ଥାରେ । ସର୍ବୋଚ୍ଚ ଅଦାଲତଙ୍କ ସ୍ପଷ୍ଟ ରାୟ ମତେ, ଏବେ ବି ବହୁ ମାମଲାରେ ବିଚାର ବିଭାଗରେ ବୀଚାରଧୀନ । ରାଜ୍ୟପାଳ ମାନେ ବିଧାନସଭାରେ ଗୃହୀତ ବହୁ ବିଲକୁ ଅଟକାଇ ରଖିବା ଏବେ ଏକ ପରମ୍ପରାରେ ପରିଣତ ହୋଇଗଲାଣି । ବିରୋଧିଦଳ ଶାସିତ ପ୍ରାୟ ସମସ୍ତ ରାଜ୍ୟରେ ଏହି ସମସ୍ୟା ମୁଣ୍ଡ ଟେକିଛି । କେତେକ ରାଜ୍ୟରେ ସ୍ୱତନ୍ତ୍ର ଆଇନ ବଳରେ ରାଜ୍ୟପାଳଙ୍କ ଠାରୁ ବିଶ୍ୱବିଦ୍ୟାଳୟର କୁଳାଧିପତି ମର୍ଯ୍ୟଦା ଅପସାରଣ କରାଯାଇଛି । ଯାହାକି ରାଜ୍ୟପାଳ ପଦ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି । ଏହା ନିଶ୍ଚିତ ଯେ, ରାଜ୍ୟପାଳ ଏକ ସାମ୍ବିଧାନିକ ପଦବୀ । ରାଜ୍ୟପାଳମାନେ ନିଜ ପଦବୀର ମର୍ଯ୍ୟଦା ରକ୍ଷା ଲାଭି ସାମ୍ବିଧାନକୁ ଉଲଂଘନ ଗ୍ରହଣୀୟ ନୁହେଁ । ରାଜ୍ୟପାଳ ପଦବୀରେ କେନ୍ଦ୍ର ରାଜ୍ୟ ଚିନ୍ତା କରିବାର ସମୟ ଏବେ ଆସିଛି ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ପିଲାଦିନର କଥା କାହିଁକି ମନେରହେନା ?

ଆପଣଙ୍କ ପିଲାଦିନର କଥା ମନେଅଛି ? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି ? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ ? ଏମିତି ଅନେକ କଥା । ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ । କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି ? ଶିଶୁ ମନସ୍ତତ୍ତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ । ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା – କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି । ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ । ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇରହେ । ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ । ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ । ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ । ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ । କାରଣ କୌଣସି ଘଟଣା ଉପରେ ଏକାଧିବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ ।

ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି । ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ । ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ । ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ । ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ । ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଜୀବନୀ ସଦୃଶ କାମକରେ । ସବୁଜ ପନିପରିବା, ତଟକା ଫଳ ଓ ପୃଷ୍ଟିକର ଖାଦ୍ୟ ବହୁତ ଭଲ । ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା ଛୋଟମାଛ ବହୁତ ହିତକର । ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ । ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ,



ଡାକ୍ତର ସମ୍ରାଟ କର

ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ । କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ । ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମ ନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ି ଦେବାର ସମ୍ଭାବନା ରଖିଥାଏ । ଏସବୁ କ୍ଷେତ୍ରକୁ ଭଲ ଭାବେ ଗୁରୁତ୍ୱ ଦିଅନ୍ତୁ । ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ମାନସିକ ରୋଗବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । କେହି କହି ଇଆଡୁସିଆଡୁ କଥାକହି ତୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ । କାରଣ ପ୍ରଥମରୁ ମୁଁ କହୁଛି ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ କିଛି ସେପରି କିଛି କ୍ଷତି ବି ହୋଇଯିବନାହିଁ । ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ । ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ । ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସଂନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ । ଜୀବନକୁ ଆଧ୍ୟାତ୍ମିକମୟ କରିବା ବହୁତ ଭଲ । ଭୁଲିଯାଉଥିବା କ୍ଷେତ୍ରକୁ ଦେଖିଲେ କେହି କେହି ରୋଗୀର ମୁଣ୍ଡରେ କିଛି ତେଲ ମାରିବା ପାଇଁ କୁହନ୍ତି । କେହି କେହି ଆଉ କିଛି ଜଡ଼ିବୁଟିର ସାହାର ନିଅନ୍ତି ଏହା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ଡାକ୍ତରଙ୍କ ପରାମର୍ଶ ନେଇ ଏକ ଭଲ ଦିନଚର୍ଯ୍ୟା ବିଚାର କରି ସେହିପରି ଜୀବନକୁ ବିତାନ୍ତୁ । ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମସ୍ମରଣ କରିବା ଏକ ଭଲ ଅଭ୍ୟାସ । ଦେଖିବେ ଆପଣଙ୍କୁ ଆଉ ଭୁଲାକଡ଼ ବୋଲି କେହି କହିବେ ନାହିଁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ଧର୍ମ ନିରପେକ୍ଷତା ଓ ସାମ୍ପ୍ରଦାୟିକ ରାଜନୀତି ପ୍ରବଳ ହେବାରେ ଲାଗିଛି !

ବର୍ତ୍ତମାନ ଆମ ସମାଜରେ ଧର୍ମନିରପେକ୍ଷତା ଏକ ସାଂପ୍ରଦାୟିକ ସ୍ଲୋଗାନରେ ପରିଣତ ହେବାସହ ରାଜନୀତି ମଧ୍ୟ କଳୁଷିତ ହେବାରେ ଲାଗିଛି । ଆଜିର ରାମରାଜ୍ୟର ସ୍ଲୋଗାନ୍ ରାବଣର ବ୍ରାହ୍ମଣବାଦର ପୁନରାବର୍ତ୍ତନର ସୂଚକ । ବିଶ୍ୱ ହିନ୍ଦୁ ପରିଷଦ କାମେଶ୍ୱର ଚୌପାଲ ନାମକ ଜଣେ ଦଳିତ ଅସବର୍ଣ୍ଣ ହାତରେ 'ଅଯୋଧ୍ୟା ମନ୍ଦିରର ଭିତ୍ତି ଇଟା ସ୍ଥାପନ ହେବା କଥା ଜୋରସୋର ରେ ପ୍ରଚାର ହୋଇଛି । ଦଳିତମାନଙ୍କୁ ସନ୍ତୋଷ କରିବା ଅଭିପ୍ରାୟରେ ଅଯୋଧ୍ୟାରେ ବାଲ୍ମିକୀ ମନ୍ଦିର ନିର୍ମାଣ କଥା ମଧ୍ୟ ବେଶ ପ୍ରଚାରିତ, ହେଲେ ଦେଶର ସଚେତନ ବାଲ୍ମିକୀ ସଙ୍ଗଠନ ଏହାକୁ ବିରୋଧ କରିଥିଲା । ଦଳିତ ଶ୍ରେଣୀ ଲାଗି ଇଟା ସ୍ଥାପନ କରିବା ଏକ ନୁତନ କାର୍ଯ୍ୟ ନୁହେଁ ! ଇତିହାସ ସାକ୍ଷୀ ଯେ ଦଳିତ ଶ୍ରେଣୀ ହିଁ ବଡ ବଡ କୋଠାଘର, ପ୍ରାସାଦ, ମନ୍ଦିର ନିର୍ମାଣ କାର୍ଯ୍ୟ କେଉଁ ଆବାହମାନ କାଳରୁ କରି ଆସୁଛନ୍ତି । ହଲେ ନିଜର କାର୍ଯ୍ୟ ସମ୍ପାଦନ ହେବା ପରେ ସେମାନଙ୍କୁ ଦୁଧରୁ ମାଛି ପରି କାଢି ଫିଙ୍ଗି ଦିଆଯାଉଛି । ଏପରିକି ସେମାନଙ୍କୁ ମଠ ମନ୍ଦିରରେ ପ୍ରବେଶ କରିବାର ଅନୁମତି ମିଳୁନାହିଁ । ଭାରତୀୟ ଜନତା ଦଳର ଅନୁସୂଚିତ ଜାତି ଓ ଜନ ଜାତି ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରୀ କମିଟିରେ ଏହି ଅନୁସୂଚିତ ଓ ଜନଜାତିକୁ ହିନ୍ଦୁ ମୁଖ୍ୟ ଧାରାର ଅଂଶ ଭାବେ ଚିହ୍ନଟ କରିବାର ଚେଷ୍ଟା କରିଥିଲା । ମାତ୍ର ଏଠି ଏକ ପ୍ରଶ୍ନ ମନକୁ ଆସେ ଯାହା ହେଲା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏମାନେ ହିନ୍ଦୁ ଅଂଶ ନା ମୁଖ୍ୟଧାରା ? ଯଦି ଏମାନେ ମୁଖ୍ୟଧାରା ହୁଅନ୍ତି ତା'ହେଲେ ହିନ୍ଦୁ କାହାର ଅଂଶ ବିଶେଷ ? ଏହି ଜାତିବାଦର ସଂକୀର୍ଣ୍ଣ ମାନସିକତା ଫଳରେ ଭାରତ ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ଗୋଲାମ ହୋଇ ରହିଥିଲା । ଗ୍ରୀକ, ଶକ, ହୁଣ, ଆରବୀ, ତୁର୍କ, ପାରସୀ, ଇଂଲଣ୍ଡ ଏମିତି ଅନେକ ମୁଷ୍ଟିମେୟ ବିଳାସୀମାନଙ୍କ ଦ୍ୱାରା ଭାରତକୁ ପରାଜିତ ଓ ପଦଦଳିତ ହେବାକୁ ପଡିଥିଲା । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଆଜି ହିନ୍ଦୁ ସମାଜ ପଚାସଢା ଅବୈଜ୍ଞାନିକ ସଂସ୍କାର ପ୍ରପଂଚରେ ଛନ୍ଦି ହୋଇ ପୁନଃ ଗୋଲାମ ହେବାର ପଥରେ ବଢି ଚାଲିଛି !

ଆଜି ପ୍ରକୃତ ହିନ୍ଦୁ ଚେତନାର ଜ୍ଞାନକୁ ଆମର ମଠ ବାଦୀ ଶକ୍ତି ଓ ସାଂପ୍ରଦାୟିକ ମନୋଭାବ ବଂଚିତ ରଖିଛି । ନିରପେକ୍ଷ ଗଣମାଧ୍ୟମ ର ସୌଭାଗ୍ୟ ଏ ଦେଶର ଆଜି ନାହିଁ । ଆମ ଗଣମାଧ୍ୟମ ଆଜି ବିଭିନ୍ନ ଦଳୀୟ



ଉମାଶଙ୍କର ପ୍ରସାଦ

ନେତୃବର୍ଗ ଯାହାଙ୍କୁ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭାରତୀୟ ଜନତା ଦଳ ଚଳାନ୍ତି ସେମାନଙ୍କ ପାଖରେ ବନ୍ଧା ପଡିଛନ୍ତି । ବର୍ତ୍ତମାନ ସମଗ୍ର ସମାଜ, ରାଜ୍ୟ ଓ ଦେଶକୁ ଛଦ୍ମ ଧର୍ମନିରପେକ୍ଷତା, ଛଦ୍ମ ସାମ୍ୟାଦିକତା ଓ ସାମ୍ପ୍ରଦାୟିକତା ପ୍ରଭାବିତ କରିଛି । ଥରେ ଅମ୍ବେଦକର ନିଜ ବକ୍ତବ୍ୟରେ କହିଥିଲେ— " ଆମ ସମ୍ବିଧାନ ଗୋଟିଏ ସୁନ୍ଦର ମନ୍ଦିର ପରି ଥିଲା ଯେଉଁଥିରେ ଭଗବାନ ବାସ କରୁଥିଲେ । ହେଲେ ସେଥିରେ ଏବେ ଅସଂଖ୍ୟ ସଇତାନ ପଶି ଆସିଲେଣି । ଏକେତ ସେମାନଙ୍କୁ ବିତାଡିତ କରିବାକୁ ପଡିବ ନହଲେ ନୁଆ ମନ୍ଦିର ଟିଏ ତୋଳିବାକୁ ପଡିବ" । ବର୍ତ୍ତମାନ ନୁଆ ସଂସଦ ଭବନ ନିର୍ମିତ ହୋଇଛି କିନ୍ତୁ ଦୁଃଖ ଓ ପରିତାପର ବିଷୟ ସେହି ଗଣତନ୍ତ୍ରର ମନ୍ଦିରରେ ଭଗବାନ ନାହାନ୍ତି ଅଛନ୍ତି ଅନେକ ସଇତାନ, ତେଣୁ ସେ ମନ୍ଦିର ଆଜି କଳୁଷିତ ହେବାରେ ଲାଗିଛି ! ଯାହା ଧାରଣ କରେ ତାହା ଧର୍ମ । ଯାହା ଧାରଣ କରେନାହିଁ ତାହା ଧର୍ମ ନୁହେଁ । ହତ୍ୟା, ରକ୍ତପାତ, ବିଦ୍ୱେଷ, ଘୃଣା, ଅସଦାଚାର କେଉଁ ବେଦ, ଗୀତା, ରାମାୟଣ, କୋରାନ ଓ ବାଇବେଲର ଧର୍ମ ? ପୃଥିବୀର ସବୁ ଧର୍ମଗ୍ରନ୍ଥ ଏକ ମହାମାନବ ଧର୍ମର ଏକ ଏକ ଆଲୋକିତ ଅଧ୍ୟାୟ । ପ୍ରକୃତ ହିନ୍ଦୁ ତାକୁ କୁହାଯାଏ ଯିଏ ପ୍ରତ୍ୟେକ ହୀନ କର୍ମରୁ ନିଜକୁ ଦୁରେଇ ରଖିଥାଏ । ଇସଲାମ୍ ର ଅର୍ଥ– ସତ୍ୟ ଧର୍ମ । ମୁସଲମାନର ଅର୍ଥ 'ମୁସଲମ୍ ଇମାନ' ଅର୍ଥ ପ୍ରକୃତ ଧର୍ମବିଶ୍ୱାସୀ । ଆଜି ଏହା କେତେଦୁର ଫଳପ୍ରଦ ହୋଇଛି ତାହା ମୋର ଶୁଦ୍ଧୀ ପାଠକ ସମାଜ ବିଚାର କରିବେ । ବର୍ତ୍ତମାନ ସାମ୍ପ୍ରଦାୟିକ ରାଜନୈତିକ ଦଳ ମାତ୍ର ଚାରି ପାଞ୍ଚ ଶହ ବର୍ଷର ଇତିହାସ କଥା ନଭୁଲି ଆଜି ପ୍ରତିଶୋଧ ପରାୟଣ ହୋଇଛନ୍ତି । ଯେଉଁ ହିନ୍ଦୁ କୁ ନେଇ ସେମାନେ ଆଜି ସାମ୍ପ୍ରଦାୟିକ ଭାବ ଉଠାଇଛନ୍ତି ସେମାନେ ବୋଧେ ଭୁଲିଯାଇଛନ୍ତି ଯେ 'ହିନ୍ଦୁ' ଶବ୍ଦଟା ଆରବୀୟ ମୁସଲମାନ ଙ୍କ ଦାନ । "ଆର୍ଯ୍ୟ" ଶବ୍ଦଟା ମଧ୍ୟ ଇରାନ୍ (ଆର୍ଯ୍ୟନ୍) ଓ ଜର୍ମାନୀର ଆମଦାନୀ କରା ଶବ୍ଦ । ଆଗେ ଲୋକେ ଧର୍ମ କଥା ନଜାଣି ଧର୍ମ କରୁଥିଲେ । ଏବେ ଧର୍ମ କଥା ଜାଣି ସୁଦ୍ଧା ଧର୍ମ କରୁନାହାନ୍ତି ! ଆଗେ ଲୋକମାନେ ଆତ୍ମିକ ଆଧାତ୍ମିକତାର ପାରମ୍ପରିକତାରେ ଥିଲେ ସ୍ୱତଃ ଉଦ୍‌ବୁଦ୍ଧ । ଆଜି କେତେକ ରାଜନୈତିକ ଦଳ, ସାଂପ୍ରଦାୟିକ ଗୋଷ୍ଠୀ ରାଜନୈତିକ ହୀନସ୍ୱାର୍ଥ ହାସଲ କରିବାକୁ ଧର୍ମକୁ ଧର୍ଷଣ କରିବା ସହ ଭାରତୀୟ କରଣ, ଇସଲାମୀ କରଣ,ଓ ହିନ୍ଦୁକରଣର ପ୍ରଶ୍ନ ଉଠାଉଛନ୍ତି । ଯଦି ହିନ୍ଦୁର ପ୍ରଶ୍ନ ହିନ୍ଦୁର, ମୁସଲିମ୍ ର ପ୍ରଶ୍ନ ମୁସଲିମର, ଖ୍ରୀଷ୍ଟିୟାନର ପ୍ରଶ୍ନ ଖ୍ରୀଷ୍ଟିୟାନର ତେବେ ଭାରତୀୟ ର ପ୍ରଶ୍ନ କଣ ? ଭାରତୀୟ କିଏ ? ।

ସାଂପ୍ରଦାୟିକତା ସହିତ ଜନସାଧାରଣ ସଂପୃକ୍ତ ନୁହନ୍ତି । ବର୍ଣ୍ଣାଶ୍ରମର ପରବର୍ତ୍ତୀକାଳୀନ ଭୁଲ ବ୍ୟାଖ୍ୟା, ଇତିହାସର ତୃଟିପୂର୍ଣ୍ଣ ଲିଖନ, ରାଜନୈତିକ ଅନ୍ଧ ସ୍ୱାର୍ଥ, ପରାଙ୍ଗଭୋଜୀ ମଠ-ମହନ୍ତ ଓ କାଜୀ ମୁଲ୍ଲାବାଦ ହିଁ ଏଭଳି ଜଘନ୍ୟ ପରିସ୍ଥିତିର ଘୃଣ୍ୟ ସ୍ରଷ୍ଟା । ଏମାନଙ୍କର ସହାୟକ ହେଉଛନ୍ତି ବର୍ତ୍ତମାନର ଅପରାଧୀ ବର୍ଗ, ବିରାଟ ବ୍ୟବସାୟୀ, ଭ୍ରଷ୍ଟ ସରକାରୀ ଅଫିସର, ପୁରାଣ ଓ ଇତିହାସର ପାର୍ଥକ୍ୟ ବାରି ପାରୁନଥିବାକେତେକ ତଥା କଥିତ ଐତିହାସିକ । ତା' ସାଙ୍ଗକୁ ସାଂପ୍ରଦାୟିକତା ହେଉଛି ଅନୁନ୍ନତ ଅର୍ଥନୈତିକ ସ୍ଥିତିର ଅବଦାନ । କେବେହେଲେ ଦାରିଦ୍ର୍ୟ, କ୍ଷୁଧା, ବେକାରୀ, ଅଶିକ୍ଷା, ଭ୍ରଷ୍ଟାଚାର, ଦୁର୍ନୀତି, ଅପସଂସ୍କୃତି, ଶୋଷଣ, ପେଷଣ, ନୀପିଡନ, ପରିବେଶ ପ୍ରଦୂଷଣ, ବର୍ଣ୍ଣବିଦ୍ୱେଷ ଏମାନଙ୍କୁ ବିଚଳିତ କରେନାହିଁ । ଏମାନେ ନିଜର ଗାଦି ଓ ପ୍ରଭୁତ୍ୱ ବିସ୍ତାର ପାଇଁ ଅହରହ ଚିନ୍ତିତ । 'ରାମରାଜ୍ୟ'ର ପ୍ରକୃତ ଅର୍ଥ ଏମାନଙ୍କୁ ଜଣା ନାହିଁ । ରାମଙ୍କର ନିଜ ପ୍ରଜାପାଇଁ ତ୍ୟାଗ, ଲକ୍ଷ୍ମଣ ଙ୍କର ସେବା, ଭରତଙ୍କର ସିଂହାସନ ତ୍ୟାଗ, ସୀତାଙ୍କର ପତି ପରାୟଣା ଏବଂ ହନୁମାନଙ୍କର ନିଷ୍କାମ ଭୃତ୍ୟ ଭାବରୁ ଏମାନେ କିଛି ନଶିଖି କେବଳ ରାମ ରାଜ୍ୟର ଚିତ୍କାର କରି ଚାଲିଛନ୍ତି । ଆମମାନଙ୍କ ଭିତରେ ଏପରି ବିକୃତ ମାନସିକତା କାହିଁକି ? ଇଂରେଜମାନଙ୍କ ସ୍ୱାର୍ଥ ରକ୍ଷାକାରୀ ଇତିହାସ ଲେଖନକୁ ଭାରତର ଇତିହାସ ବୋଲି ଗ୍ରହଣ କରିବା ମଧ୍ୟ ଆମର ତୃଟି ପୂର୍ଣ୍ଣ । ଆଓରଙ୍ଗଜେବ ସେତେଟା ମନ୍ଦ ନଥିଲେ, ଯେତେଟା ଇଶ୍ୱରୀ ପ୍ରସାଦଙ୍କ ଇତିହାସରେ ଭୁଲ ଚିତ୍ରଣ କରାଯାଇଛି । ରାଣାପ୍ରତାପ, ଶିବାଜୀଙ୍କ ପରି ଶେରଶାହ, ଇବ୍ରାହିମ ଲୋଦୀ ମଧ୍ୟ ଭାରତର ଜାତୀୟବାଦୀ ବୀର, ସ୍ୱାଧୀନତା ସଂଗ୍ରାମୀ ଥିଲେ । ୧୮୫୭ର ଭାରତର ସ୍ୱାଧୀନତା ସଂଗ୍ରାମର ବହୁ ପୂର୍ବରୁ ସେମାନେ ମାତୃଭୂମିର ସୁରକ୍ଷା, ସ୍ୱାଧୀନତା ନିମନ୍ତେ ବିଦେଶୀ ମୋଗଲ ମାନଙ୍କ ବିରୁଦ୍ଧରେ ପ୍ରାଣମୁଛା ସଂଗ୍ରାମ କରିଥିଲେ । ବର୍ଣ୍ଣାଶ୍ରମର ଅଭିଶାପ ଯୋଗୁ ବହୁ ହିନ୍ଦୁ ଧର୍ମାନ୍ତରଣ କରି ମୁସଲମାନ ହେବାକୁ ବାଧ୍ୟ ହୋଇଥିଲେ ।

ଥରେ ଜଣେ ମୁସଲିମ ତରୁଣୀକୁ ଗିରଫ୍ କରି ଶିବାଜୀଙ୍କ ପାଖକୁ ଅଣା ଯାଇଥିଲା । ସେତେବେଳେ ଶିବାଜୀ ଝିଅକୁ ଦେଖି କହିଥିଲେ ' ମୋ ମା ଭଲା ଏମିତି ସୁନ୍ଦର ହୋଇଥାନ୍ତା । ତାହାଲେ ମୁଁ ମଧ୍ୟ ଆହୁରି ସୁନ୍ଦର ହୋଇପାରିଥାନ୍ତି' । ତା ପରେ ସେ ଝିଅକୁ ଅନେକ ଉପହାର ଦେଇ ମୁକ୍ତ କରିବା ସହ ଗିରଫକାରୀ ହିନ୍ଦୁ ସୈନିକକୁ କଠୋର ଦଣ୍ଡ ଦେଇଥିଲେ । ଯଦି ଶିବାଜୀ ଙ୍କ ପରି ବିଚାର ଧାରା ଆମର ଶାସକ, ପ୍ରଶାସକ ମାନଙ୍କର ରହିଥାନ୍ତା ତେବେ ସାମ୍ପ୍ରଦାୟିକ ମନୋଭାବ ସମାଜରୁ ଆପେ ଆପେ ଅପସରି ଯାନ୍ତା । ଶିବାଜୀଙ୍କ ସେନା ବାହିନୀରେ ହଜାର ହଜାର ବିଶ୍ୱସ୍ତ ମୁସଲିମସୈନ୍ୟ ରହିଥିଲା ବେଳେ ଆଓରଙ୍ଗଜେବଙ୍କ ବିଶ୍ରାମାଗାରର ସମସ୍ତ ରକ୍ଷୀ ଅତ୍ୟନ୍ତ ବିଶ୍ୱସ୍ତ ହିନ୍ଦୁ ମାନେ ଥିଲେ । ଆକବରଙ୍କ ହିନ୍ଦୁ ପ୍ରେମ, ଦୀନ-ଏ-ଇଲାହୀ ଧର୍ମ, ବଙ୍ଗଳା ସୁଲତାନଙ୍କ ସତ୍ୟପୀର ପୂଜା, ପାଲା ପ୍ରଚଳନ, କବିର, ନାନକଙ୍କ ହିନ୍ଦୁ-ମୁସଲିମ ଶିଷ୍ୟ, ଆଓରଙ୍ଗଜେବଙ୍କ ହିନ୍ଦୁ ମନ୍ଦିର ନିର୍ମାଣ, ମରାମତି, ହିନ୍ଦୁ ସ୍କୁଲ ପ୍ରତିଷ୍ଠା, ଦେବୋତ୍ତର ସଂପତିବାଡି ଖଂଜା, ହାଇଦ୍ରାବାଦ ନିଜାମଙ୍କ ହିନ୍ଦୁ ମନ୍ଦିର ମରାମତି, ସାଲବେଗଙ୍କ ଜଗନ୍ନାଥ ଭକ୍ତି, ଇକବାଲ, ଗାଲିବ, ଅହମ୍ମଦ ଖାଁ, ଜାକୀର ହୁସେନ, ମୌଲାନା ଆଜାଦ ଆଦିଙ୍କ ସ୍ୱରାଷ୍ଟ ପ୍ରୀତି, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଶିଳ୍ପ, ସ୍ଥାପତ୍ୟ, ଚାରୁକଳା,ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ମୁସଲିମ ପ୍ରତିଭାର ଅନନ୍ୟ ଅବଦାନ ଭାରତର ବିବିଧତାରେ ଏକତାର ଗୌରବ । ମହୀଶୂରର ଟିପୁ ସୁଲତାନ ତାଙ୍କ ରାଜ୍ୟର ଅନେକ ମନ୍ଦିରକୁ ଅକୁଣ୍ଠ ଦାନ ଦେଇଥିଲେ । ଟିପୁ ସୁଲତାନଙ୍କ ରାଜପ୍ରାସାଦ ନିକଟରେ ହିଁ ଭେଙ୍କଟରମଣ, ଶ୍ରୀନୀବାସ ଓ ଶ୍ରୀରଙ୍ଗନାଥନ ମନ୍ଦିର ନିମର୍ତ୍ତିତ ହୋଇଛି । ସୁଫୀସନ୍ଥ, ନାଥପନ୍ଥୀ ଯୋଗୀ ଓ ଜୈନ ସନ୍ଥମାନଙ୍କ ଅବାଧ ମିଳାମିଶା ଥିଲା ଏବଂ ସେମାନେ ମିଳିତ ଭାବରେ ଧର୍ମ ଚର୍ଚ୍ଚା କରୁଥିଲେ । ସୁଫୀ ସନ୍ଥମାନଙ୍କ ହିନ୍ଦୀ କବିତା ମସଜିଦରେ ପାଠ କରାଯାଉଥିଲା । ରହୀମ, ରସଖାନ ଭଳି କବିଙ୍କ କୃଷ୍ଣ ଭକ୍ତି ଓ ରାମ ଭକ୍ତିର ଆନ୍ଦୋଳନ ଭିତରେ ରହିଥିଲା ଇଶ୍ୱର ଆଲ୍ଲା ଙ୍କ ସଂପ୍ରୀତି । ଯେଉଁଠି ସୁଫି ଓ ସନ୍ଥମାନେ ଯାବତୀୟ ଭେଦ ଭାବ ଉପରକୁ ଯାଇ ପ୍ରଭୁଙ୍କ ଭୀତରେ ଲୀନ ହେବାର ଚେଷ୍ଟା କରୁଥିଲେ । ଆକବରଙ୍କ ଇବାଦତଖାନା (ପ୍ରାର୍ଥନା ମନ୍ଦିର) ରେ ସବୁଧର୍ମର ପଣ୍ଡିତ ମାନେ ଧର୍ମ ବିଷୟରେ ଆଲୋଚନା କରିବା ସହ ତାଙ୍କ ପ୍ରତିଷ୍ଠିତ ଅନୁବାଦ ଗୃହରେ ରାମାୟଣ ଓ ଗୀତାର ଅନୁବାଦ ହୋଇଥିଲା । ୧୮୫୭ ଭାରତର ସ୍ୱାଧୀନତା ସଂଗ୍ରାମରେ ଉଭୟେ ହିନ୍ଦୁ ଓ ମୁସଲମାନ କାନ୍ଧକୁ କାନ୍ଧ ମିଳାଇ ଲଢିଥିଲେ ।

ବ୍ୟକ୍ତିଗତ ସ୍ତରରେ ଘରର ଚାରିକାନ୍ଥ ଭିତରେ ଧର୍ମ ଭଲ । ଯେତେବେଳେ ତାହା ସଂସ୍କାର ରୂପନେଇ ସାମ୍ପ୍ରଦାୟିକ ଭାବ ସମାଜରେ ବିକ୍ଷିପ୍ତ କରେ ସେତେବେଳେ ସମସ୍ତ ବିପଦ ମାଡି ଆସିଥାଏ । ଏ ନିଶା ମୁଣ୍ଡକୁ ଉଠିଲେ ଅଫିମକୁ ବଳିଯାଇ ଯାବତୀୟ ଅଧାର୍ମିକତାକୁ ଜନ୍ମ ଦିଏ । ଆଜି ପର୍ଯ୍ୟନ୍ତ ପୃଥିବୀରେ ଧର୍ମ ନାମରେ ଯେତେ ଲୋକ ପ୍ରାଣ ହରାଇଛନ୍ତି କୌଣସି ଯୁଦ୍ଧରେ ସେତେ ଲୋକ ମରି ନଥିବେ । ଭଗବାନ, ଆଲ୍ଲା, ଯୀଶୁ ଙ୍କ ଭିତରେ ତ କେଭେ ସଂଘର୍ଷ ହୁଏନାହିଁ । ତେବେ ଆମେ ଧର୍ମକୁ ନେଇ କାହିଁକି ଏପରି ଅସୂୟା ଭାବ ମନରେ ଆଣିବା । ପୃଥିବୀର ସବୁ ଧର୍ମ ସେହି ଶୂନ୍ୟ, ନିରାକାର, ଏକେଶ୍ୱର ବାଦ ଉପରେ ଆଧାରିତ । ଜଣେ ବ୍ରାହ୍ମଣ ଅଫିସର ତ ଅସବର୍ଣ୍ଣ ହାତରୁ ଲାଂଚ ନେବାକୁ କେବେ ମନା କରିନଥାଏ । ଜଣେ ମଠାଧିଶ ମୁସଲିମ ଝିଅ ଉପଭୋଗ କରିବାରେ ତ ଧର୍ମ ଭ୍ରଷ୍ଟ ହୁଏନାହିଁ ! ତେବେ ବିଭିନ୍ନ ସଂପ୍ରଦାୟର ଭଗବାନ, ଆଲ୍ଲା, ଗଡ ଅଲଗା ହେଲେ କିପରି ?ଯେତେ ଦିନ ଯାଏ ଧର୍ମଭିତିକ ରାଜନୀତିର ଅନୁଦାରତା ଚାଲିଥିବ, ଭୋଟବେଙ୍କ ରାଜନୀତି ଚାଲିଥିବ, ସାମ୍ପ୍ରଦାୟିକ ଗୋଷ୍ଠୀ, ନେତା ରହିଥିବେ ଏବଂ ଯଦି ଏହି ମନୋଭାବ ମନରେ ବସା ବାନ୍ଧିଥିବ ତେବେ ସତ୍ୟ, ଶାନ୍ତି, ପ୍ରେମର ମନ୍ଦିର ମସଜିଦ ଜଳୁଥିବ । ଗଣତନ୍ତ୍ର ଗଣିକ ପରି ନାଚୁଥିବ । ଧର୍ମ ନିରପେକ୍ଷତା ଏକ ସାମ୍ପ୍ରଦାୟିକ ସ୍ଲୋଗାନରେ ପରିଣତ ହେଉଥିବ ।


*ଖୋର୍ଦ୍ଧା :୬୩୭୦୬ ୭୫୫୬୨*

# ଭୁତ ସ୍କୁଲ

ଏବେ ଭୁତ ସ୍କୁଲ ବିଷୟରେ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ଏତେ ଭୁତମାନଙ୍କ ଆତ୍ମା 'ବାହାନଗା" ବିଦ୍ୟାଳୟରେ ପ୍ରବେଶ କଲେ ଯେ ସେମାନେ ଯିବାର ନା ଧରୁ ନାହାନ୍ତି । ସେମାନେ ଯଦି ରହିଯିବେ କେତେ କ'ଣ କାଣ୍ଡ କରିବେ । ସେଠି ଅତୃପ୍ତ ଆତ୍ମା ଗୁଡିକ ସମସ୍ତଙ୍କୁ ଡରାଇବେ । ସରକାର ମଧ୍ୟ ଏହି ପବନରେ ବୋହିଗଲେ । ନା କୌଣସି ଆଲୋଚ଼ନା ନା କୌଣସି ପ୍ରୟାସ କଲେ ଅଭିଭାବକ, ପିଲାମାନଙ୍କ ମାନସିକ ସ୍ଥିତିର ଉନ୍ନତି ପାଇଁ । ସରକାର ପୁରୁଣା ଘରଗୁଡିକ ଭାଙ୍ଗି ନୂଆ ବିଦ୍ୟାଳୟ ତିଆରି କରିବାରେ ଲାଗିଗଲେ । ଆମର ତାର୍କିକ ପରମ୍ପରା ବିଜ୍ଞାନ କୁଆଡ ? ସବୁ ବାଏଁ ବାଏଁ ହଜିଗଲା ଏବଂ ଗାଁ ଲୋକମାନେ ମଧ୍ୟ ଯଜ୍ଞ କଲେ ଅତୃପ୍ତ ଆତ୍ମା ଗୁଡିକ ଶାନ୍ତ କରାଇବା ପାଇଁ । ତାହେଲେ ଆମେ ବିଦ୍ୟାଳୟ ଖୋଲି ପିଲାଙ୍କୁ ପାଠ ପଢାଇବାରେ ଉଦ୍ଧ ?ଶ୍ୟ କ'ଣ ? ତାଙ୍କ ଭିତରେ ବିଜ୍ଞାନ ଓ ତାର୍କିକ ଚ଼ିନ୍ତାଧାରାର ଉଦ୍‌ରେକ କରିବା ନା ପୁଣି ସେଇ ପୁରୁଣା ରାସ୍ତାକୁ ଫେରାଇ ନେବା ?

ଯଦି ୧୯୯୯ ମସିହା କଥା ଦେଖିବା ଗୋଟିଏ ଦିନରେ ୧୫୦୦୦ ରୁ ଅଧିକ ଲୋକ ମୃର୍ତ୍ତ୍ୟୁ ବରଣ କରିଥିଲେ । ସମସ୍ତଙ୍କ ପାଇଁ ସରକାର ଏ ପର୍ଯ୍ୟନ୍ତ ଘର ବ୍ୟବସ୍ଥା କରିଛନ୍ତି କି ? ତାଙ୍କ ସ୍କୁଲ ବ୍ୟବସ୍ତା ଗୁଡିକ କଣ ? ସେଠି ଆତ୍ମା ଗୁଡିକ କୁଆଡେ ଗଲେ ? ସେଠି କିଏ ଯଜ୍ଞ କରିଥିଲା ? ଛାଡନ୍ତୁ ସେ ଆଡକୁ ଯିବା ନାହିଁ ! ପୁରୁଣା ଘରଟି ଯଦି ଠିକ ଅଛି ନୂଆ ଘର କରିବାରେ କ'ଣ ଆବଶ୍ୟକତା ଅଛି !ଅଯଥା ଲୋକଙ୍କ ଟଙ୍କା ଗୁଡିକ ଆତ୍ମସାତ କରିବାରେ ଟିକେ ବି ସରକାର ପଶ୍ଚ୍ୟାତାପ କଲେ ନାହିଁ । କାହିଁକି ନା ସରକାରଙ୍କ ଅନେକ ଅଭିଜ୍ଞତା ଅଛି ଭୁତ ପିଲା ସଂଖ୍ୟା ସ୍କୁଲ ଗୁଡିକ ବନ୍ଦ କରିବାରେ । ଗତ କିଛି ବର୍ଷ ହେଲା ସରକାର ବିଭିନ୍ନ ଜିଲ୍ଲା ମାନଙ୍କରେ ସ୍କୁଲ ଗୁଡିକରେ ପିଲା ସଂଖ୍ୟା କମି ଯାଉଛନ୍ତି ଦେଖି୮୦୦୦ ରୁ ଅଧିକବିଦ୍ୟାଳୟକୁ ବନ୍ଦ କରିଦେଲେ । ଯଦି ବିଦ୍ୟାଳୟ ଖୋଲିଲା ବେଳେ ପିଲା ଥିଲେ । ତେବେସେ ପିଲାମାନେ କୁଆଡ ? ଗଲେ ଯେ ବିଦ୍ୟାଳୟ ଗୁଡିକ ବାଧ ହୋଇ ବନ୍ଦ କରିବାକୁ ପଡୁଛି । ଏ ସ୍କୁଲ ଗୁଡିକ ଭୁତ କାହିଁକି ହେଲା ? ସ୍କୁଲ ଗୁଡିକ ବନ୍ଦ ନ କରି ସୁନ୍ଦର ଭାବରେ ସାଜ ସଜ୍ଜା କରି ଗାଁ ଲୋକଙ୍କ ସହିତ ଆଲୋଚ଼ନା କରି ପୁଣି ପିଲାମାନଙ୍କୁ ଫେରାଇ ଆଣିଥାନ୍ତେ -ଆଜି ଅନେକ ବିଦ୍ୟାଳୟ ଗୁଡିକ ହସି ଉଠିଥାନ୍ତା । କିନ୍ତୁ ଏହା ନକରି ସରକାର ସରପଞ୍ଚ ହାତକୁ ସେ ସ୍କୁଲ ଗୁଡିକ ଟେକି ଦେଲେ । ଅନେକ ସ୍ଥାନରେ ଗାଁ ଲୋକଙ୍କ ମତ ନେବାର ବି ଆବଶ୍ୟକତା ମଣି ନାହାନ୍ତି । ଏହି ଭୁତ ସ୍କୁଲ ଗୁଡିକ ଗାଆଁ ଲୋକଙ୍କ ପାଇଁ ଦିନେ ଅସ୍ମିତା ଥିଲା । ଏହି ଭୁତ ସ୍କୁଲ ମାନଙ୍କରେ ଅନେକ ପିଲା ପଢି ମଣିଷ ବି ହୋଇଛନ୍ତି । ଆଜି ସେମାନେ କିଏ କେଉଁଠି ଭୁତମାନଙ୍କ ସହିତ ଯୁକ୍ତି ବି କରିଥିବେ ?

ଯେତେବେଳେ ଏହି ସ୍କୁଲ ଗୁଡିକ ଭୁତ ବୋଲି ପ୍ରମାଣିତ ହେଲା ସେହି ଭୂତକୁ ତଡି ଦେବା ପାଇଁ ଅନେକ ଗାଁ ଲୋକମାନେ ବି.ଇ.ଓ ଙ୍କୁ ଦରଖାସ୍ତ ଦେଲେ । ଆମ ସ୍କୁଲ କୁ ଭୁତ ଆଶାରେ ନ ଛାଡି ଆମ ବିଦ୍ୟାଳୟ କୁ ପୁଣି ଚ଼ଲା ଯାଉ ଓ ପ୍ରତି ଦିନ ଶିକ୍ଷକଙ୍କୁ ଠିକ ସମୟରେ ପଠା ଯାଉ ଓ ଭଲ ପାଠ ପଢାଯାଉ । ଲୋକଙ୍କ ଦରଖାସ୍ତ ଗୁଡିକ କେଉଁ ଟେବୁଲ ତଳେ ପଡିଲା । ତାହାର କେହି ନିଘା ରଖିଲେ ନାହିଁ । ଶେଷରେ ବିଦ୍ୟାଳୟ ଗୁଡିକ ଭୁତ ହାତରେ ଛାଡି ଦେବା ଦ୍ୱାରା ଅନେକ ପିଲାଙ୍କ ଜୀବନ ନାଟିକା ବନ୍ଦ ହେଲା । ଯେଉଁଠି ଦିନେ କୋଳାହଳ ପରିବଶେରେ ଗାଁ ସ୍କୁଲଟି ପୁରିଲା ପୁରିଲା ଲାଗୁଥିଲା । ଆଜି ସେଠି ଭୁତ ମାନଙ୍କ ବସା । ଗାଁଲୋକମାନେ ଯେତେବେଳେ ସେଇବାଟେ ଯାଉଥିବେ ତାଙ୍କର କିପରି ଧାରଣା ସୃଷ୍ଟି ହେଉଥିବ ଟିକେ ଚ଼ିନ୍ତା କରନ୍ତୁ । ଏହି ପରି ଏହି ଭୁତ ମାନେ ବେଶି ଦେଖାଯାଆନ୍ତି



ଅନନ୍ତ କୁମାର ସାମନ୍ତ

ରାୟଗଡା, କନ୍ଧମାଳ , କଳାହାଣ୍ଡି, କୋରାପୁଟ, ମାଲାକାନାଗିରି ଭଳି ଜିଲ୍ଲା ମାନଙ୍କରେ । କାହିଁକି ଏ ପରି ହେଲା ? ପିଲାମାନେ କୁଆଡ ? ଗଲେ ? ଯଦି ପିଲାମାନେ କମି ଗଲେ ତ ଏଥି ପାଇଁ ଦାଇ କିଏ ? ଯେଉଁ ପିଲାମାନେ ରହିଗଲେ ସେମାନଙ୍କୁ ପାଖ ବିଦ୍ୟାଳୟରେ ଆଡମିସନ କରି ସରକାର ବସିଗଲେ ନା ସେମାନଙ୍କ ପାଇଁ କିଛି କଲେ । ସେ ପିଲାମାନେ ଆଉ ବିଦ୍ୟାଳୟକୁ ଆସୁଛନ୍ତି ନା ସେହି ପରି ରହିଗଲେ ? ଏ ପ୍ରଶ୍ନ ସାଧାରଣରେ ଉଙ୍କି ମାରିବା ସ୍ୱାଭାବିକ ! ଆଜି ବି ପାହାଡ ଜଙ୍ଗଲ ଘେରା ଲୋକମାନେ ବିଦ୍ୟାଳୟ ତାଙ୍କ ଗାଁରେ ଗୋଟେ ଖୋଲୁ ବୋଲି ଅନାଇ ବସିଛନ୍ତି । ଯଦି ଗୋଟିଏ ଗାଁରେ ୧୦ ପିଲା ଅଛି ଓ ସେମାନେ ନିଜର ଶିକ୍ଷା ପାଇଁ କୁଆଡ ? ଯାଇ ପାରୁନାହାନ୍ତି ତ ସେ ଗାଁର ପିଲାମାନଙ୍କୁ ଭୂତ ହେବା ପାଇଁ ଛାଡି ଦେଇ ପାରିବା କି ? ଯଦି ସ୍କୁଲ ଗୁଡିକ ବନ୍ଦ କରି ଭୁତ ହେବା ପାଇଁ ଛାଡି ଦେଲେ । ଏବଂ ଏହା ପରେ ଅନ୍ୟ କିଛି ବିକଳ୍ପ ଚ଼ିନ୍ତା କଲେ କି ? ଏମିତି କରାଯାଇ ପାରେ କି ଜଣେ ଶିକ୍ଷକ ୩ ଦିନ ଯାଇ ପିଲାମାନଙ୍କୁ ପଢାନ୍ତା । ପୁଣି ଅନ୍ୟ ଏକ ଗାଁକୁ ଯାଇ ୩ ଦିନ, ଏହି ପରି ପଞ୍ଚମ ପର୍ଯ୍ୟନ୍ତ ପଢାଇବା ସହିତ ସମସ୍ତ ପିଲାଙ୍କୁ ଯଥା ଯୋଗ୍ୟ କରାଇ ସାର୍ଟିଫିକେଟ ଦେବାର ବ୍ୟବସ୍ଥା କରାଯାଇ ପାରନ୍ତା । ପରେ ପିଲାଟି ଯେଉଁ ବିଦ୍ୟାଳୟରେ ଚ଼ାହିଁବ ପଢିପାରିବ । ଏହା ପାଇଁ ବଡ ବଡ କୋଠା ମଧ୍ୟ ଦରକାର ନାହିଁ । ଗାଁ ଲୋକ ଓ ସରକାରଙ୍କ ସାହାଯ୍ୟରେ ଗ୍ରାମରେ ଛୋଟ ଚ଼ାଳିଆଟିଏ ହୋଇ ପାରିବ । ଏଥି ପାଇଁ ସରକାରଙ୍କୁ ବହୁତ କମ ଖର୍ଚ୍ଚ କରିବାକୁ ପଡନ୍ତା । ଗ୍ରାମରେ ଶିକ୍ଷକ ଲୋକମାନଙ୍କ ସହିତ ମିଶି ପିଲାମାନଙ୍କ ଚ଼ାଟଶାଳୀକୁ ଲୋକାଭିମୁଖୀ ତଥା ଉତ୍ତର ଦାଇତ୍ୱ ବଢାଇବା ଓ ଲୋକଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ବିଦ୍ୟାଳୟ ପରିଚ଼ାଳନା କମିଟି, ଅଭିଭାବକ,ଯୁବକ ମାନଙ୍କୁ ବହୁଳ ଭାବରେ ସାମିଲ କରାଗଲେ ନିଶ୍ଚିତ ଭାବରେ ଭଲ ଫଳ ମିଳି ପାରନ୍ତା । ଏହି କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ( ରଖଘ) ର ବିଭିନ୍ନ ଶିକ୍ଷଣ ସାମଗ୍ରୀ, ଭାଷା , ଗଣିତ, ଲାଇବ୍ରେରୀ, ବିଜ୍ଞାନ କୋଣ ଆଦି ପାଠ ପଢା ପାଇଁ ବ୍ୟବସ୍ଥା ବି ହୁଅନ୍ତା । ପଢାଇବାର ସମୟ ସୀମା ୧୦ ଟାରୁ ୪ ଟା ନ କରା ଯାଇ ୨ ରୁ ୩ ଘଣ୍ଟା ରଖା ଯାଇ ପାରନ୍ତା ପିଲାଙ୍କ ଓ ଅଭି ଭାବକ ମାନଙ୍କ ସୁବିଧା ଅନୁଯାଇ । ଯାହା ଫଳରେ ଆଉ କୌଣସି ଭୁତ ଗାଁ ବା ସ୍କୁଲ ରୁହନ୍ତା ନାହିଁ ! ପୁଣି ଗାଁ ପାହାଡର ଆଲୋକ ଗୁଡିକ ଚ଼ାରିଆଡ ? ବିଚ୍ଛୁରିତ ହୋଇ ପଡନ୍ତା ।

*କୁଞ୍ଜକୋଠି, ଏରସମା, ଜଗତସିଂହପୁର,*
*ମୋ: ୭୬୦୫୯୫୯୯୦୪*

# ଖେଳ

# ପର୍ଯ୍ୟବେକ୍ଷକ 25

ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK

पर्यवेक्षक




## ବ୍ୟାରିକେଟ ଭାଙ୍ଗି ଠିକାଦାରଙ୍କ କର୍ମଚାରୀଙ୍କୁ ମାଡ଼ ମାରିଲେ ସାମ୍ବାଦିକ,ଅଭିଯୋଗ ପରେ ପୁଲିସ ନୀରବଦ୍ରଷ୍ଟା

ଖୋର୍ଦ୍ଧା,(ପିଏନ): ବେଗୁନିଆରେ କିଛି ସାମ୍ବାଦିକଙ୍କ ଶୈରାତ୍ମ୍ୟ ଯୋଗୁଁ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ତ୍ରାହି ତ୍ରାହି ଡାକୁଥିବା ବେଳେ ପୁଲିସ ପାଖରେ ଅଭିଯୋଗ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଳମ୍ବ ହୋଇ ଥିବାରୁ ଲୋକ ମାନଙ୍କର ଆସ୍ଥା ହରାଇ ବସୁଛନ୍ତି ।ଏପରିକି ସାମ୍ବାଦିକଙ୍କ ପ୍ରରୋଚନାରେ ପ୍ରଭାବିତ ହୋଇ ନୀରବ ରହିବା ଘଟଣାକୁ ଜନସାଧରଣରେ ନା ପସନ୍ଦ କରାଯାଇଛି ।ସୂଚନା ଅନୁଯାୟୀ ଜନୈକ ବ୍ୟକ୍ତି ଜଣକ ବେଗୁନିଆ ବ୍ଲକରେ ଦୁଇରୁ ଅଧିକ ଖବରକାଗଜର ଏଜେଣ୍ଟ ହୋଇଥିବା ଯୋଗୁଁ ସାମ୍ବାଦିକତା ହାସଲ କରିଥିବାରୁ ଔଦ୍ଧତ୍ୟ ବଳରେ ବଳିୟାନ ହୋଇ ପୁଲିସକୁ ହାତ ବାରିସୀ କରି ସମସ୍ତଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ।ତେବେ ତାଙ୍କ ନାମରେ ଥାନାରେ ଅଭିଯୋଗ ହେଲେ ମଧ୍ୟ ପୁଲିସ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦୂରର କଥା ଖାମ ଖିଆଲ ଭାବରେ ଗ୍ରହଣ କରୁଛି ।ଫଳରେ ତାଙ୍କର ଉତ୍ପାତ ଦିନକୁ ଦିନ ବଢ଼ି ଚାଲିଥିବାରୁ ବାଘମାରି ଥାନା ଅନ୍ତର୍ଗତ ସିମୋର ବଜାର ଠାରେ ରାସ୍ତା କାମ ଚାଲିଥିବାବେଳେ ସୋମବାର ଦିନ ବିଳମ୍ବିତ ସନ୍ଧ୍ୟାରେ ଗାଡି ମଟର ଯିବା ପାଇଁ ବାଇପାସ ରାସ୍ତା ଥିବାବେଳେ ସାମ୍ବାଦିକ ଜଣକ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତାର ସୁରକ୍ଷା ପାଇଁ ଲାଗିଥିବା ବ୍ୟାରିକେଟ ଭାଙ୍ଗି ବାହାଦୁରୀ ଦେଖାଇ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବଳିଆ ବେହେରା ଓ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି ।ଏପରିକି ନିଜର ଔଦ୍ଧତ୍ୟତା ଦେଖାଇ କାହାକୁ ଗୁହାରି କରି ମୋର କଣ କରିବା କଥା କରିବୁ ବୋଲି କର୍ମଚାରୀ ମାନଙ୍କୁ ଧମକ ଦେଇଥିଲେ ।ସାମ୍ବାଦିକଙ୍କ ଏତାଦୃଶ ବ୍ୟବହାରରେ ଉପସ୍ଥିତ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ନା ପସନ୍ଦ ମଧ୍ୟ କରିଥିବା ବେଳେ ଠିକା ସଂସ୍ଥାର କର୍ମଚାରୀ ଜଣକ ବାଘମାରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେବଳ ପ୍ରାଥମିକ ତଦନ୍ତ କରି ସମସ୍ତ ସାକ୍ଷ୍ୟ ପ୍ରମାଣ ସତ୍ୱେ ଭୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାର ଜଣାପଡିଛି । ନିରୀହ ଲୋକମାନଙ୍କ ଉପରେ ପୁଲିସ କେବଳ ଦାଉ ସାଧୁଥିବାବେଳେ ସାମ୍ବାଦିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛ ଘୁଞ୍ଚା କାହିଁକି ଦେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏଭଳି ପକ୍ଷପାତିତା ନୀତି ଯୋଗୁଁ ଜନସାଧାରଣଙ୍କର ପୁଲିସ ପ୍ରତି ଭରସା ତୁଟାଇବାକୁ ବସିଛନ୍ତି ।ଏଥିପାଇଁ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ସବୁଜ ବଳୟ ସୃଷ୍ଟି ହେଲେ ଏ ଜୀବଜଗତ ବଂଚିରହିବ



କୋଣାର୍କ ,(ପି.ଏନ): ସାମାଜିକ ସଂଗଠନ ଅର୍କଶ୍ରୀ, କୋଣାର୍କ ନାଟ୍ୟମଣ୍ଡପ ଏବଂ ଗ୍ରାମୀଣ କଳାକାରମାନଙ୍କ ପକ୍ଷରୁ ୭୪ତମ ବନ ମହୋତ୍ସବ ପାଳନ କରାଯାଇଛି । ବୁଧବାର ପୂର୍ବାହ୍ନରେ କୋଣାର୍କ ନାଟ୍ୟ ମଣ୍ଡପ ପରିସରକୁ ଗ୍ରାମୀଣ କଳାକାରମାନେ ସଫେଇ କରିଥିବା ବେଳେ ପରିବେଶ ସୁରକ୍ଷା ସଂପର୍କରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ସାମାଜିକ ସଂଗଠନ ଅର୍କଶ୍ରୀର ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କୋଣାର୍କ ନାଟ୍ୟ ମଣ୍ଡପର ବରିଷ୍ଠ ଗୋଟିପୁଅ ନୃତ୍ୟ ଗୁରୁ ଜୟକୃଷ୍ଣ ନାୟକ, ବୃକ୍ଷ ମଣିଷ ଲିଙ୍ଗରାଜ ନାୟକଙ୍କ ସମେତ ଗ୍ରାମୀଣ କଳାକାରମାନେ ଯୋଗ ଦେଇଥିଲେ । ଏହି ଅବସରରେ କୋଣାର୍କ ନାଟ୍ୟ ମଣ୍ଡପ ପରିଷରକୁ ସଫେଇ କରାଯିବା ସହ ବଉଳ, ତେପତ୍ର ଓ ବେଲ ବୃକ୍ଷରୋପଣ କରିଥିଲେ । ବୃକ୍ଷ ବଂଚିଲେ ଏ ଜୀବ ଜଗତ ବଂଚିରହିବା ସହିତ ଗ୍ଲୋବାଲ ୱାର୍ମି ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତିରୁ ରକ୍ଷା ମିଳିପାରିବେ ବୋଲି ମତପ୍ରକାଶ ପାଇଥିଲା । ବର୍ଷାଋତୁ ସମୟରେ ଅର୍କଶ୍ରୀ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରିବା ଉଦ୍ୟମକୁ ପରିବେଶବିତମାନେ ସ୍ୱାଗତ କରିଛନ୍ତି । ଏହି ସପ୍ତ ଦିବସୀୟ ୭୪ତମ ବନମୋହତ୍ସବକୁ ଅର୍କଶ୍ରୀ ପକ୍ଷରୁ ଜୁଲାଇ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପି ପାଳନ କରାଯାଉଛି । ବିଭିନ୍ନ ଦିବସରେ ବୃକ୍ଷରୋପଣ, ଚାରାବଂଟନ, ଆଲୋଚନା ଚକ୍ର, ସଚେତନତା ଧର୍ମୀ ସଭା, ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପରିବେଶ ସମ୍ପର୍କିତ ପ୍ରତିଯୋଗିତା ଅନୁଷ୍ଠିତ କରାଯାଉଛି । କୋଣାର୍କ ଏନଏସି ସମେତ ଅଚ୍ୟୁତପୁର, ବନାଖଣ୍ଡି, ସୁତନ, କୁରୁଜଙ୍ଗ ଓ ସିମିଳି ପଚାଂୟତର ମହିଳା ଗୋଷ୍ଠୀ, ସାମାଜିକ ସଂଗଠନ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଜାରିରହିଛି ।

## ଜୀବ ବିଜ୍ଞାନ ସଂସ୍ଥାନ ପକ୍ଷରୁ ବ୍ରିଡର ଧାନ ବିହନ ବଂଟନ

ଜୟପୁର, (ପି.ଏନ): କେନ୍ଦ୍ର ସରକାରଙ୍କ ଜୈବ ପ୍ରଯୁକ୍ତି ବିଭାଗ ଅଧିନରେ ଥିବା ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଆଜି ବୋରିଗୁମ୍ମା ବ୍ଲକ ରେ ଚାଷୀ ମାନଙ୍କୁ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ରୁ ବିକଶିତ ସି ଆର୍ ଧାନ ୨୦୩ କିସମ ବ୍ରୀଦର୍ ଧାନ ବିହନ ବଂଟନ କରା ଯାଇଛି । ଡି ବି ଟି କିସାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ଉପସ୍ଥିତ ରହି ଚାଷୀ ଉନ୍ନତ କିସମ ଓ ବୈଜ୍ଞାନିକ ପଦ୍ଧତିରେ ଧାନ ଚାଷ କଲେ ଅଧିକ ଲାଭ ମିଳିପାରିବ ସହ ବ୍ରିଦର୍ ବିହନ ଚାଷ ଦ୍ୱାରା କୋରାପୁଟ ଜିଲ୍ଲାର ଚାଷୀ ମାନେ ସହଜରେ ଧନ ବିହନ ମିଳି ପାରିବ ବୋଲି କହିଥିଲେ । ସି ଆର୍ ଧନ ୨୦୩ କିସମ ୧୧୦ ଦିନରେ ଅମଳ ହେଉଥିବା ବେଳେ ଡିପ ଜମିରେ ଚାଷ କରିବା ପାଇଁ ସୁଯୋଗ ଥିବା ସହ ରୋଗ ଓ ପୋକ କମ୍ ଲାଗୁ ଥିବାରୁବ ଅଧିକ ଲାଭ ମିଳିପାରିବ ବୋଲି କହିଥିଲେ । ପ୍ରତି ହେକ୍ଟର ପିଛା ୪୦୫୦ କେ ଜି ଧାନ ଅମଳ ହୋଇପାରିବ ବୋଲି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ପାଖରୁ କୁହାଯାଇଛି । ଓଡିଶା ଜୀବିକା ମିଶନର ସଂଯୋଜକ ଦେବେନ୍ଦ୍ର କୁନାର ପଣ୍ଡା ଓ ବିଜ୍ଞାନ ସଂଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ଏହି କାର୍ଯ୍ୟକ୍ରମ ପରିଚଳନା କରିଥଲେ । ପରୀକ୍ଷା ମୂଳକ ଭାବେ ବୋରିଗୁମ୍ମା ବ୍ଲକ ରେ ୧୫ ଏକର ଧାନ ବିହନ ଯୋଗାଇ ଦିଆ ଯାଇଛି । ଆସନ୍ତା ରବି ଋତୁ ରେ ଧାନ ବିହନ ଅମଳ ପରେ ଅଧିକ ଚାଷୀ ମାନଙ୍କୁ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ।

## ଓଡ଼ିଆ ଚଳଚିତ୍ର ନିୟତିର ଟ୍ରେଲର ଏବଂ ଅଡ଼ିଓ ଲୋକାର୍ପଣ



ଖୋର୍ଦ୍ଧା,(ପି.ଏନ): ସମରେଶ ରାଉତରାୟଙ୍କ ପ୍ରସ୍ତୁତି ଏସ-୩ ମୁଭିଜ ପ୍ରାୟୋଜିତ ଏବଂ ରିସା ଫିଲ୍ମସ୍ ସହଯୋଗିତାରେ ନିର୍ମିତ ହୋଇଥିବା ଓଡ଼ିଆ ଚଳଚିତ୍ର ନିୟତି ଆସନ୍ତା ୨୧ ଜୁଲାଇ ଶୁକ୍ରବାର ଦିନ ସାରା ଓଡ଼ିଶାରେ ମୁକ୍ତି ଲାଭ କରିବାକୁ ଯାଉଥିବା ବେଳେ ଚଳଚିତ୍ରର ଟ୍ରେଲର ରିଲିଜ୍ ଏବଂ ଅଡ଼ିଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଯୋଜକ ତଥା ଅଭିନେତା ସମରେଶ ରାଉତରାୟ ନିର୍ଦ୍ଦେଶକ ପିନାକି ଶ୍ରୀଚନ୍ଦନ, ଅଭିନେତା ସାନୁ, ଅଭିନେତ୍ରୀ ଦିବ୍ୟା, ପୁପୁଲ ଭୂୟାଁ, କେକେ ସଙ୍ଗୀତ ନର୍ମିର୍ଦ୍ଦେଶକ ଅନୁରାଗ ପଟ୍ଟନାୟକ ଏବଂ ମୋ କଲେଜ ଅଧକ୍ଷ ତଥା ଅଭିନେତା ଆକାଶ ଦାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ଚଳଚିତ୍ର ନିୟତିର ପ୍ରଯୋଜନା ପ୍ରେମଲତା ରାଉତରାୟ, ସମରେଶ ରାଉତରାୟ ଏବଂ ସୁଧାଂଶୁ ନାରାୟଣ କରିଥିବା ବେଳେ କାହାଣୀ ଚିତ୍ରନାଟ୍ୟ ସଂଳାପ ସହିତ ନିର୍ଦ୍ଦେଶନା ଦାୟିତ୍ୱ ପିନାକି ଶ୍ରୀଚନ୍ଦନ ଦେଇଛନ୍ତି । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ପଟ୍ଟନାୟକ, ଚିତ୍ର ଉତୋଳନ ଅକ୍ଷୟ କୁମାର ନାୟକ, ସମ୍ପାଦନା କେଡ଼ି ସିପୁନ, ଡ଼ିଆଇ ଅଧିକାରୀ ସାହୁ ଏବଂ ପ୍ରଡ଼କ୍ସନ ଡ଼ିଜାଇନରେ ଜେନା ବ୍ରଦର୍ସ ରହିଛନ୍ତି । ଚଳଚିତ୍ର ନିୟତିର ମୁଖ୍ୟ ଭୂମିକାରେ ଅଭିନେତା ସାନୁ, ଅଭିନେତ୍ରୀ ଦିବ୍ୟ ଏବଂ ଆଗଧାଡ଼ିର ଅଭିନେତା ସମରେଶ ରାଉତରାୟ ଅଛନ୍ତି । ଅନ୍ୟ ସହଯୋଗୀ କଳାକାର ଭାବେ କେକେ କାହ୍ନା ପୁପୁଲ ଭୂୟାଁ, ଶୁଭାଂସୁ କିଶାନ, ଉଦିଦ୍ ଗୁରୁ, ଅଙ୍କିତ ପଟ୍ଟନାୟକ ଏବଂ ଅଭିଜିତ ପାତ୍ର ଅଭିନୟ କରିଛନ୍ତି । ଅନୁରାଗ ପଟ୍ଟନାୟକଙ୍କ ବଳିଷ୍ଠ ସଙ୍ଗୀତ ନିର୍ଦ୍ଦେଶନାରେ ନାମୀ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ବିରାଜ ସବିଶେଷ ଅନ୍ତରା ଚକ୍ରବର୍ତୀ ଗିତ ସଂଜୀବ ଅନୁରାଗ ପ୍ରମୁଖ କଣ୍ଠଦାନ କରିଛନ୍ତି । ଓଡ଼ିଆ ଚଳଚିତ୍ର ଜଗତର ପୁନରୁଦ୍ଧାର ହୋଇଥିବା ବେଳେ ଚଳଚିତ୍ର ନିୟତିର କାହାଣୀ ଓଡ଼ିଆ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦ ଦେବେ । ଚଳଚିତ୍ର ନିୟତିକୁ ଓଡ଼ିଆ ଦର୍ଶକ ନିଶ୍ଚିତ ଭାବେ ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ମତ ପ୍ରକାଶ କରିଛନ୍ତି ।

## ଛତିଶଗଡ଼ର ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ଟିଏସ ସିଂହଦେଓଙ୍କୁ କଂଗ୍ରେସ ଭବନରେ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ଗସ୍ତରେ ଆସିଥିବା ଛତିଶଗଡ଼ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଟିଏସ ସିଂହଦେଓଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନକରି ଶ୍ରୀ ସିଂହଦେଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଛତିଶଗଡ଼ରେ କଂଗ୍ରେସ ଦଳ ସରକାର ଗଢ଼ିବାପରେ ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପ୍ରଦାନ କରିଛନ୍ତି । ଓଡ଼ିଶାରେ ଶାସନ କରୁଥିବା ବିଜେଡ଼ି ଦଳ ସମୟରେ ଦକ୍ଷିଣ ଓଡ଼ିଶାର ବହୁ ଲୋକ ଗୁଜୁରାଟରେ ଦାଦନ ଖଟୁଛନ୍ତି, ପଶ୍ଚିମ ଓଡ଼ିଶାର ବହୁ ଲୋକ ଛତିଶଗଡ଼ ଓ ମଧ୍ୟପ୍ରଦେଶ ନିଜର ପେଟ ପୋଷୁଛନ୍ତି ଏବଂ ଉତର ଓଡ଼ିଶାର ବହୁ ଲୋକ ପଶ୍ଚିମ ବଙ୍ଗରେ କାମ କରୁଛନ୍ତି । ଏହା ବିଜେଡ଼ି ସରକାରର ଅପାରଗତା । ଶ୍ରୀ ସିଂହଦେଓ ଆସନ୍ତା ନିର୍ବାଚନ ସମୟରେ ଓଡ଼ିଶାରେ ବିଭିନ୍ନ ସଭାସମିତିରେ ଯୋଗଦେବାପାଇଁ ପିସିସିର ଅନୁରୋଧକୁ ରକ୍ଷା କରିବେ ବୋଲି ଶ୍ରୀ ପଟ୍ଟନାୟକ ଆଶାପ୍ରକଟ କରିଥିଲେ । ଉଦ୍‌ବୋଧନ ଦେଇ ପୂର୍ବତନ ପିସିସି ସଭାପତି ସର୍ବଶ୍ରୀ ନିରନ ପଟ୍ଟନାୟକ, ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଲାଗିରହିଥିବା ମହାନଦୀ ଜଳ ବିବାଦ ସମସ୍ୟାକୁ ସମାଧାନ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଗଣେଶ୍ୱର ବେହେରା ଏବଂ ପ୍ରଚାର କମିଟିର ଅଧ୍ୟକ୍ଷ ଶ୍ରୀ ବିଜୟ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଶ୍ରୀ ସିଂହଦେଓ କଂଗ୍ରେସର ଜଣେ ଦକ୍ଷ ନେତା ତଥା ରାଜର୍ଷୀ ବୋଲି ଅଭିହିତ କରିଥିଲେ । ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ଯୋଗୁଁ କଂଗ୍ରେସ ଲୋକମାନେ ଉତ୍ସାହିତ ହୋଇଛନ୍ତି, ଯାହାର ଉଦାହରଣ କର୍ଣ୍ଣାଟକ ନିର୍ବାଚନ ବୋଲି ବକ୍ତାମାନେ କହିଥିଲେ । ବୈଠକକୁ ଶ୍ରୀ ପଦ୍ମାକର ଗୁରୁ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିସିସି ପକ୍ଷରୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ଶୁଭଦ୍ରା ଥିବା ଏକ ତାରକସି ମୂର୍ତ୍ତି ଶ୍ରୀ ସିଂହଦେଓଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରୀ ସିଂହଦେଓ ଜୟ ଜଗନ୍ନାଥ ଉଚ୍ଚାରଣ କରି ନିଜ ଅଭିଭାଷଣରେ କହିଲେ ଯେ ଆଜି ମୋତେ ଯେଉଁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଛି ତାହା କେବେ ଭୁଲିବାର ନୁହେଁ । ମୋତେ ଆପଣମାନେ ଯେତେବେଳେ ମନେପକାଇବେ ମୁଁ ଆପଣମାନଙ୍କ ନିକଟକୁ ଆସିବାକୁ ପ୍ରସ୍ତୁତ ଅଛି । ପରିଶ୍ରମ କଲେ ସୁଫଳ ମିଳିବା କଷ୍ଟ ନୁହେଁ । କିନ୍ତୁ ଶୃଙ୍ଖଳା ଆମ୍ଭମାନଙ୍କ ଭିତରେ ରହିବା ଅତ୍ୟନ୍ତ ଜରୁରୀ । ଦଳର ସର୍ବୋଚ୍ଚ ନେତା ଯାହା ନିଷ୍ପତି ନେବେ ତାହାହିଁ ସମସ୍ତେ ମାନିଲେ ହିଁ ପ୍ରତ୍ୟେକ କାର୍ଯ୍ୟ ଆମେ ହାସଲ କରିପାରିବା । ମହାନଦୀ ସଂପର୍କରେ ସେ କହିଲେ ଯେ ମୁଁ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ କ'ଣ କରାଯାଇପାରିବ ଅବଶ୍ୟ ପଦକ୍ଷେପ ନେବି । ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ ମହାପାତ୍ର, ମାନସ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଯୁଧିଷ୍ଠିର ଜେନା, କିଶୋର ଜେନା, ପୃଥିବୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅମିୟ ପଟ୍ଟନାୟକ, ମନୋରନ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ଶ୍ରୀନିବାସ ରାଉତରାୟ, ରଜତ ଚୌଧୁରୀ, ବିସ୍ମୟ ମହାପାତ୍ର, ୟାସିର ନୱାଜ, ତରୁଣ ମିଶ୍ର, ହଳଧର ସେଠୀ, ବିଷ୍ଣୁ ବାରିକ, ରଜନୀ ମହାନ୍ତି, ବିଶ୍ୱଭୂଷଣ ଦାସ, ପ୍ରକାଶ ମିଶ୍ର, ମାନସ ଆଚାର୍ଯ୍ୟ, ପ୍ରଦୀପ ମହାପାତ୍ର, ଜୟକୃଷ୍ଣ ମଲ୍ଲିଆ, ଜୟୀ ପଟ୍ଟନାୟକ, ଜ୍ଞାନ ପଟ୍ଟନାୟକ, ମିହିର ଆଚାର୍ଯ, ଜୟକୃଷ୍ଣ ସୁବୁଦ୍ଧି, ରଣଜିତ ପାତ୍ର, ସୁବ୍ରତ ମହାପାତ୍ର, ଜିଆଉଲ ହକ, ମୁଣ୍ଡୀ କଳ୍ପନା ରାଉତରାୟ, ପ୍ରଭାବତୀ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ସତ୍ୟବ୍ରତ ନାୟକ, ଜିତେନ୍ଦ୍ର ପଣ୍ଡା, ଲିଙ୍ଗରାଜ ସାହୁ, ବିଶ୍ୱଭୂଷଣ ମହାପାତ୍ର, ବିଂରଚୀ ବାରିକ, ପ୍ରଭାତ ପ୍ରତାପ ସିଂ, ବିନୁ ପାଣି, କୈଳାସ ସାହୁ, ସାଗର ପରିଡ଼ା, ମିତ୍ରଭାନୁ ମହାପାତ୍ର, ଦେବୀପ୍ରସାଦ ବାହାଲିଆ, ପୁଷ୍ପିତା ସ୍ୱାଇଁ, ଜୟଶ୍ରୀ ପାତ୍ର, ମିନତୀ ବେଉରା, ଏସ୍‌କେ ତାକୱିନ, ବସନ୍ତ ପଣ୍ଡା, ଚନ୍ଦନ କୁମାର ଦାସ, ସଂଜୟ ମିଶ୍ର, ପ୍ରମୁଖ ବହୁ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସେବାଦଳର ବହୁ କର୍ମୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶ୍ରୀ ସିଂହଦେଓଙ୍କ କଂଗ୍ରେସ ଭବନ ପରିସରରେ ଆତସବାଜୀ ପ୍ରଦର୍ଶନ କରାଯାଇ ସ୍ୱାଗତ କରାଯାଇଥିଲା ।

## ୨୫ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ଆରଆଇ



ମାଲକାନଗିର,(ପି.ଏନ): ମାଲକାନଗିରି ତହସିଲ ଅନ୍ତର୍ଗତ ସିନ୍ଧ୍ରିମାଳ ଆରଆଇ ୨୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଜେଲ ଯାଇଥିବା ଜଣାପଡିଛି ।ଘଟଣାଟିରୁ ପ୍ରକାଶ ଯେ ମାଲକାନଗିରି ନିକଟରେ ଉଡାଜାହାଜ ଅବତରଣ ପଡିଆ ନିର୍ମାଣ ଲାଗି ଜମି ଅଧିଗ୍ରହଣ କରିଥିଲା ବେଳେ କ୍ଷତି ପୂରଣ ବାବଦକୁ ସରକାର ଜମି ହରାଇଥିବା ଜମ ମାଲିକଙ୍କୁ ଆର୍ଥିକ ସହାୟତା କରିଥାଆନ୍ତି । ସେହିପରି ଗୌଡଗୁଡା ଗ୍ରାମର ମାୟାରାଣୀ ମଣ୍ଡଳ ଜମିର କ୍ଷତି ପୁରଣ ବାବଦକୁ ସରକାରଙ୍କ ଠାରୁ ୭ ଲକ୍ଷ ୩୧ ହଜାର ୬୪୨ ଟଙ୍କା ପାଇଥିବା ବେଳେ ମାୟାରାଣୀ ମଣ୍ଡଳଙ୍କ ଜମିର କାଗଜ ପତ୍ର କରିବା ବାବଦରେ ସିନ୍ଧ୍ରିମାଳ ଆରଆଇ ଟଙ୍କା ମିଳିଲେ ୩୦ ହଜାର ଟଙ୍କା ଦେବାକୁ ପୂର୍ବରୁ କଥାବାର୍ତ୍ତା କରିଥିଲେ । ଜମି କ୍ଷତି ପୂରଣ ଟଙ୍କା ମିଳିବା ଖବର ଶୁଣି ଆରଆଇ ସୀମାଞ୍ଚଳ ସାହୁ ମାୟାରାଣୀ ମଣ୍ଡଳଙ୍କୁ କହିଥିଲେ । ମାୟାରାଣୀ ମଣ୍ଡଳ ୩୦ ହଜାର ଟଙ୍କା ବଦଳରେ ୨୫ ହଜାର ଟଙ୍କା ଦେବାକୁ କହିଥିଲେ ।ଏଣେ ଆରଆଇ ସୀମାଞ୍ଚଳ ସାହୁ ବାରମ୍ବାର ଲାଞ୍ଚ ନେବା ପାଇଁ ଚାପ ପ୍ରୟୋଗ କରୁଥିବାରୁ ମାୟାରାଣୀ ମଣ୍ଡଳ ସ୍ଥାନୀୟ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଆଜି ସକାଳେ ୨୫ ହଜାର ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା ବେଳେ ସିନ୍ଧ୍ରିମାଳ ଆରଆଇ ସୀମାଞ୍ଚଳ ସାହୁ ମାୟାରାଣୀ ମଣ୍ଡଳଙ୍କ ଘରକୁ ଯାଇ ଉତ୍‌କୋଚ ଟଙ୍କା ଗ୍ରହଣ କରୁଥିଲେ । ଠିକ ଏହି ସମୟରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଆରଆଇ ସୀମାଞ୍ଚଳ ସାହୁଙ୍କୁ ରେଡ୍ ହ୍ୟାଣ୍ଡଡ୍ କାବୁ କରିଥିଲେ । ମାଲକାନଗିରି ଭିଜିଲାନ୍ସ ଡିଏସପି ସୁଶାନ୍ତ କୁମାର ବିଶ୍ୱାଳ ଆରଆଇ ସୀମାଞ୍ଚଳ ସାହୁଙ୍କ ବିରୁଦ୍ଧରେ ଲାଞ୍ଚ ନେଉଥିବା ଅଭିଯୋଗରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପୂର୍ବରୁ ମଧ୍ୟ ଅନ୍ୟାନ୍ୟ ଜମି ଅଧିଗ୍ରହଣ କରାଯାଇଥିବା ଜମି ମାଲିକଙ୍କ ଠାରୁ ରାଜସ୍ୱ ନୀରିକ୍ଷକ ମୋଟ ଅଙ୍କର ଉତ୍‌କୋଚ୍ ନେଇ ଥିବା ଅଭିଯୋଗ ହୋଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray